

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୩ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 03 September 2025

Vol.No. 36 ■ No.233 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## କଂଗ୍ରେସ-ଆରଜେଡି ଉପରେ ବର୍ଷିଲେ ମୋଦୀ: କହିଲେ କ୍ଷମା କରିବେନି ବିହାରବାସୀ



ନୂଆଦିଲ୍ଲୀ,୨/୯ : ବିହାରରେ ଭୋଟର ଅଧିକାର ଯାତ୍ରା ସମୟରେ କଂଗ୍ରେସ-ଆରଜେଡିର ମଞ୍ଚରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାଆଙ୍କୁ ଅପମାନିତ କରାଯାଇଥିଲା। ତାଙ୍କୁ ଅପଶବ୍ଦ କୁହାଯାଇଥିଲା । ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ ଉଭୟ ଦଳକୁ ଖୁବ୍ କଟାକ୍ଷ କରିଛନ୍ତି । ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିହାର ରାଜ୍ୟ ଜୀବିକା ନିଧି କ୍ରେଡିଟ କୋ-ଅପରେଟିଭ ଫେଡେରେସନ ଲିମିଟେଡର ଉଦଘାଟନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଏହି ପ୍ରସଙ୍ଗ ଉଠାଇ ଭାବପ୍ରବଣ ହୋଇପଡିଥିଲେ । ସେ କହିଛନ୍ତି ଯେ ମାଆଙ୍କ ଆଶୀର୍ବାଦରୁ ହିଁ ମୁଁ ଦେଶର ସେବା କରୁଛି । ପ୍ରତ୍ୟେକ ମାଆ ଚାହାନ୍ତି ଯେ ତାଙ୍କ ପୁଅ ତାଙ୍କର ସେବା କରୁ । କିନ୍ତୁ ମୋ ମାଆ ନିଜ ପାଇଁ ନୁହେଁ, ଆପଣଙ୍କ ଭଳି କୋଟି କୋଟି ମାଆ ଓ ଭଉଣୀଙ୍କ ସେବା ପାଇଁ ମୋତେ ନିଜଠାରୁ ଅଲଗା କରି ଯିବାକୁ ଅନୁମତି ଦେଇଥିଲେ । ଏଭଳି ମାଆଙ୍କୁ ଅସଭ୍ୟ ଗାଳି ଦିଆଗଲା। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ମୋ ମାଆ ଏବେ ଦୁନିଆରେ ନାହାନ୍ତି । ୧୦୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ମୋ ମାଆଙ୍କର ରାଜନୀତି ସହ କୌଣସି ସମ୍ପର୍କ ନଥିଲା । ସେହି ମାଆଙ୍କୁ କଂଗ୍ରେସ-ଆରଜେଡିର ମଞ୍ଚରୁ ଅସଭ୍ୟ ଗାଳି ଦିଆଗଲା । ଏହା ବହୁତ ଦୁଃଖ, କଷ୍ଟ ଏବଂ ପୀଡାଦାୟକ । ସେହି ମାଆଙ୍କର କ'ଣ ଅପରାଧ, ଯାହାଙ୍କୁ ଅସଭ୍ୟ ଗାଳି ଶୁଣାଗଲା । ମୋ ମାଆଙ୍କୁ ଗାଳି ଦେବା ବିହାରର ଅପମାନ । ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ ମୋ ମାଆଙ୍କ ସମ୍ମାନ ବିହାରର ପରିଚୟ । ମୋ ମାଆଙ୍କୁ ଗାଳି ଦେବା ବିହାରର ଅପମାନ । ମାଆ ହିଁ ତ ଆମର ସଂସାର ହୋଇଥାଏ, ଆମର ସ୍ୱାଭିମାନ ହୋଇଥାଏ । ଏହି ସମୃଦ୍ଧ ପରମ୍ପରା ଥିବା ବିହାରରେ କିଛି ଦିନ ପୂର୍ବରୁ ଯାହା ହେଲା, ତାହା ମୁଁ କଳ୍ପନା ମଧ୍ୟ କରିନଥିଲି । ବିହାରରେ ଆରଜେଡି-କଂଗ୍ରେସର ମଞ୍ଚରୁ ମୋ ମାଆଙ୍କୁ ଗାଳି ଦିଆଗଲା । ଏହି ଗାଳି କେବଳ ମୋ ମାଆଙ୍କର ଅପମାନ ନୁହେଁ । ଏହା ଦେଶର ମାଆ-ଭଉଣୀ-ଝିଅଙ୍କର ଅପମାନ। ବିହାରର ପ୍ରତ୍ୟେକ ମାଆଙ୍କୁ ଏହା ଦେଖି-ଶୁଣି କେତେ ଖରାପ ଲାଗିଥିବ, ତାହା ମୁଁ ଜାଣିଛି। ମୁଁ ଜାଣେ ଯେ ଏହାର ଯେତିକି ପୀଡା ମୋ ହୃଦୟରେ ଅଛି, ସେତିକି କଷ୍ଟ ମୋ ବିହାରର ଲୋକଙ୍କୁ ମଧ୍ୟ ଅଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ପ୍ରତ୍ୟେକ ମାଆ ନିଜ ▶▶ପୃଷ୍ଠା ୭

## ଓଡ଼ିଶାରେ ପ୍ରବୀଣ ଭାଇ ତୋଗାଡିଆ



ଭୁବନେଶ୍ୱର, ୨/୯ (ନି.ପ୍ର): ଓଡିଶାରେ ଗସ୍ତରେ ଅଛନ୍ତି ପ୍ରବୀଣ ଭାଇ ତୋଗାଡିଆ। ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ଅନ୍ତରାଷ୍ଟ୍ରୀୟ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରବୀଣ ତୋଗାଡିଆ। ଗତକାଲି ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ସେ ସିଧାସଳଖ ପୁରୀ ଯାଇଛନ୍ତି। ପୁରୀରେ ପହଞ୍ଚିବା ପରେ ତାଙ୍କୁ ସେଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ▶▶ପୃଷ୍ଠା ୭

## ଭାରତ-ଆମେରିକାର ଟାରିଫ୍ ଯୁଦ୍ଧ ଭିତରେ ଦୁଇ ଦେଶର ସେନା କରିବେ ମିଳିତ ସମରାଭ୍ୟାସ



ନୂଆଦିଲ୍ଲୀ,୨/୯ : ଭାରତ-ଆମେରିକା ମିଳିତ ଯୁଦ୍ଧ ଅଭ୍ୟାସ ଆରମ୍ଭ। ଭାରତ ଏବଂ ଆମେରିକାର ସାମରିକ ଦଳ ଆଜିଠାରୁ ଆଲାସ୍କାରେ ମିଳିତ ସମରାଭ୍ୟାସରେ ସାମିଲ ହୋଇଛନ୍ତି । ବାଣିଜ୍ୟ ଏବଂ ଶୁଳ୍କ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ନୀତି ପାଇଁ ଭାରତ-ଆମେରିକା ସମ୍ପର୍କ ଖରାପ ହୋଇଥିବାବେଳେ ଏହି ସମୟରେ ଭାରତ-ଆମେରିକା ୧୪ ଦିନିଆ 'ଯୁଦ୍ଧ ଅଭ୍ୟାସ-୨୦୨୫' ଆରମ୍ଭ କରିଛନ୍ତି। ସେପ୍ଟେମ୍ବର ୧ରୁ ୧୪ ପର୍ଯ୍ୟନ୍ତ ଏହି ଯୁଦ୍ଧ ଅଭ୍ୟାସ ଚାଲିବ।ଭାରତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ମାଡ୍ରାସ ରେଜିମେଣ୍ଟର ଏକ ବାଟାଲିୟନର କର୍ମଚାରୀମାନଙ୍କୁ ନେଇ ଗଠିତ ଏହି ଭାରତୀୟ ଦଳ ଆମେରିକାର ୧୧ତମ ଏୟାରବର୍ଣ୍ଣ ଡିଭିଜନର ଆର୍କଟିକ ଓ୍ୱଲ୍ଭସ୍ ବ୍ରିଗେଡ୍ କମ୍ବାଟ୍ ଟିମ୍‌ର ୫ମ ପଦାତିକ ରେଜିମେଣ୍ଟ୍ 'ବବକ୍ୟାଟ୍ସ'ର ପ୍ରଥମ ବାଟାଲିୟନର ସୈନିକମାନଙ୍କ ସହିତ ତାଲିମ ନେବେ । ଦୁଇ ସପ୍ତାହ ଧରି, ସୈନ୍ୟମାନେ ହେଲିବର୍ଣ୍ଣ ଅପରେସନ୍, ନିରୀକ୍ଷଣ ସମ୍ବଳ ଏବଂ ମାନବହୀନ ବାୟୁ ପ୍ରଣାଳୀର ନିଯୁକ୍ତି, ପଥର କ୍ରାଫ୍ଟ, ପର୍ବତ ଯୁଦ୍ଧ, ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସ୍ଥାନାନ୍ତର, ଯୁଦ୍ଧ ଚିକିତ୍ସା ସହାୟତା ଏବଂ ତୋପ, ବିମାନ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀର ସମନ୍ୱିତ ବ୍ୟବହାର ସମେତ ବିଭିନ୍ନ କୌଶଳଗତ ଅଭ୍ୟାସ କରିବେ ।

## ମନ୍ତ୍ରିମଣ୍ଡଳ ସଂପ୍ରସାରଣ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ ବିଷୟ: ଜୟନାରାୟଣ ମିଶ୍ର

ଭୁବନେଶ୍ୱର, ୨/୯ (ନି.ପ୍ର): ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ ବିଷୟ ବୋଲି କହିଛନ୍ତି ବିଜେପିର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର । ଏ ସମ୍ପର୍କିତ ସାମ୍ବାଦିକ ମାନଙ୍କ ଏକ ପ୍ରଶ୍ନର ଉତର ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ, ଚର୍ଚ୍ଚା ଆଲୋଚନା ହୁଏ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ମନ୍ତ୍ରୀ ମଣ୍ଡଳ ଯେହେତୁ ଖାଲି ଅଛି ଚର୍ଚ୍ଚା ହେବ। ଏହା ମୁଖ୍ୟମନ୍ତ୍ରୀଙ୍କ ଅଧୀନ ବିଷୟ। ଯେତେବେଳେ ଚାହିଁବେ ଏହାକୁ ପୂରଣ କରିବେ। କିମ୍ବା ଏକା ମନ୍ତ୍ରୀମଣ୍ଡଳ ଚଳାଇପାରିବେ। ମୁଁ ଦଳର ଗୋଟେ ଛୋଟିଆ କର୍ମୀ। ତୃଣମୂଳ କାମ ▶▶ପୃଷ୍ଠା ୭

## ଟିଚର ଏଲିଜିବିଲିଟି ଟେଷ୍ଟ ପାସ୍ ନକଲେ ଚାକିରି ଯିବ: ସୁପ୍ରିମକୋର୍ଟ



ଭୁବନେଶ୍ୱର, ୨/୯ (ନି.ପ୍ର): ଶିକ୍ଷକଙ୍କ ପାଇଁ ଟିଇଟି ବାଧ୍ୟତାମୂଳକ। ଟିଚର ଏଲିଜିବିଲିଟି ଟେଷ୍ଟ ପାସ୍ ନକଲେ ଚାକିରି ଯିବ। କଡ଼ା ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଚାକିରିରେ ରହିବାକୁ ହେଲେ ଓ ପ୍ରମୋସନ୍ ପାଇଁ ଟିଇଟି ଜରୁରୀ। ଜଷ୍ଟିସ ଦୀପଙ୍କର ଦତ୍ତ ଓ ଜଷ୍ଟିସ ମନମୋହନଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଯେଉଁଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଚାକିରିରେ ଥିବା ଶିକ୍ଷକମାନଙ୍କୁ ୨ ବର୍ଷରେ ଟିଇଟି ପାସ୍ କରିବାକୁ ପଡ଼ିବ। ଅବସର ୫ ବର୍ଷରୁ ଅଧିକ ଥିଲେ ଟିଇଟି ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ। ଯୋଗ୍ୟତା ହାସଲ କରିବାରେ ଅସମର୍ଥ କିମ୍ବା କ୍ୱାଲିଫାଏ କରି ନପାରିଲେ ଚାକିରିରୁ ଇସ୍ତଫା ଦେବେ। ନହେଲେ ଟର୍ମିନାଲ୍ ସୁବିଧା ସହ ବାଧ୍ୟତାମୂଳକ ଅବସର ନେବେ। ତେବେ ଆଉ ୫ ବର୍ଷ ଚାକିରି ଥିବା ଶିକ୍ଷକଙ୍କୁ ମିଳିଛି ସୁପ୍ରିମ ଆଶ୍ୱସ୍ତି। ଯେଉଁ ଶିକ୍ଷକଙ୍କ ଅବସର ୫ବର୍ଷରୁ କମ୍ ଅଛି ସେମାନଙ୍କ ପାଇଁ ଟିଇଟି ଦରକାର ନାହିଁ। ତେବେ ସଂଖ୍ୟାଲଘୁଙ୍କ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ନିଷ୍ପତ୍ତି ବୃହତ ଖଣ୍ଡପୀଠ ନେବେ। ସୁପ୍ରିମକୋର୍ଟଙ୍କ ରାୟକୁ ଶିକ୍ଷକ ସଂଘ ବିରୋଧ କରିଛି। ▶▶ପୃଷ୍ଠା ୭

## ପ୍ରବଳ ବର୍ଷାରେ ବାଲେଶ୍ୱର ସହର ଜଳମଗ୍ନ: ଜନଜୀବନ ଅସ୍ତବ୍ୟସ୍ତ



ବାଲେଶ୍ୱର, ୨/୯ (ନି.ପ୍ର): ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ସହରରେ ମଙ୍ଗଳବାର କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସହରର ତଳିଆ ଅଞ୍ଚଳରେ ବିଭିନ୍ନ ଗଳି, ଛକ, ରାସ୍ତାରେ ୨/୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଚି ପୋଲ, ନୂଆସାହି, ତେଲେଙ୍ଗା ସାହି ଛକ ଆଦିରେ ବର୍ଷା ଜଳ ଜମି ରହି ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏପରିକି ଅରଡ଼ ବଜାର ଓ କଂଗ୍ରେସ ଗଳିରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି । ବହୁ ଦୋକାନ ଓ ଘର ଭିତରେ ବର୍ଷା ପାଣି ପ୍ରବେଶ କରି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜଳ ନିଷ୍କାସନକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଗତକାଲି ରାତିରେ ବିଜୁଳି,ଘଡଘଡି ସହ ପ୍ରବଳ ବର୍ଷା ଯୋଗୁ ସହରର ପରିସ୍ଥିତି ବେହାଲ ହୋଇପଡିଛି ।

## ମଧ୍ୟବିତ୍ତଙ୍କ ଉପରେ କମିପାରେ ମହଙ୍ଗାମାଡ : ଆଜିଠୁ ଜିଏସଟି ପରିଷଦର ଦୁଇଦିନିଆ ବୈଠକ



ନୂଆଦିଲ୍ଲୀ,୨/୯ : ମଧ୍ୟବିତ୍ତଙ୍କୁ ବଡ ଆଶ୍ୱସ୍ତି ମିଳିବାକୁ ଯାଉଛି । ଯେଉଁ ମଧ୍ୟବିତ୍ତ ପରିବାର ଦରଦାମ ବୃଦ୍ଧିରେ ଅଣନିଃଶ୍ୱାସୀ ହୋଇଥିଲା, ବର୍ତମାନ ଏହା ଅନେକାଂଶରେ କମ ହେବାକୁ ଯାଉଛି । କାରଣ ସରକାର ଦୀପାବଳୀ ପୂର୍ବରୁ ଜିଏସଟିରେ ବଡ ପରିବର୍ତ୍ତନ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ସାରା ଦେଶର ନଜର ବର୍ତ୍ତମାନ ଜିଏସଟି ବୈଠକ ଉପରେ ରହିଛି । କାଲି ଓ ଗୁରବାର ଦିଲ୍ଲୀରେ ଜିଏସଟି ପରିଷଦର ବୈଠକ ହେବାକୁ ଯାଉଛି। ଅର୍ଥାତ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ । ଏହା ପୂର୍ବରୁ ଆଜି ଦିଲ୍ଲୀରେ ରାଜ୍ୟ ଜିଏସଟି ଅଧିକାରୀଙ୍କ ବଡ ବୈଠକ ହୋଇଛି। ଏଥିରେ ଜିଏସଟି ଦରରେ କଣ ପରିବର୍ତ୍ତନ ହେବ ସେହି ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଏସଟିରେ ପରିବର୍ତ୍ତନ ହେବ ବୋଲି ସଙ୍କେତ ଦେଇଥିଲେ । ଜିଏସଟି ବୈଠକରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଦିଲ୍ଲୀ ଗସ୍ତରେ ଅଛନ୍ତି । ତେବେ ସ୍ଲାବରେ ପରିବର୍ତ୍ତନ ପାଇଁ ଜିଏସଟି ପରିଷଦ ଅନୁମୋଦନ କଲେ ଅନେକ ସାମଗ୍ରୀ ଶସ୍ତା ହେବ ଓ ଅନେକ ମହଙ୍ଗା ବି ହେବ । ତେବେ କଣ ହୋଇପାରେ ଶସ୍ତା ଓ କଣ ହୋଇପାରେ ▶▶ପୃଷ୍ଠା ୭

## ଚନ୍ଦ୍ର ଗ୍ରହଣ ପାଇଁ ସ୍ୱତନ୍ତ୍ର ବୈଠକ

ପୁରୀ, ୨/୯ (ନି.ପ୍ର): ଆଜି ବସିବ ଛତିଶା ନିଯୋଗ ବୈଠକ। ଆସନ୍ତା ୭ ତାରିଖରେ ପଡୁଥିବା ଚନ୍ଦ୍ର ଗ୍ରହଣ ପାଇଁ ଶ୍ରୀମନ୍ଦିରରେ ନୀତିକାନ୍ତି ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପରିସରରେ ଶିଶୁ ଓ ମା'ମାନଙ୍କ ସକାଶେ ଶିଶୁ ସ୍ତନ୍ୟପାନ ଗୃହ ସୋମବାର ଠାରୁ କାର୍ଯ୍ୟକ୍ଷମ ହୋଇଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତଙ୍କ ସହିତ ସାଥୀରେ ଶିଶୁ ଆସିଥାନ୍ତି। ବିଶେଷକରି ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁ ଓ ମା'ମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ▶▶ପୃଷ୍ଠା ୭

## ଓଡ଼ିଶାରେ ବଢ଼ିବ ଜିଲ୍ଲା ସଂଖ୍ୟା: ବିଭାଜିତ ହେବ ପଞ୍ଚାୟତ ଏବଂ ସବ୍‌ଡିଭିଜନ, ବଡ଼ ଇସାରା ଦେଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨/୯ (ନି.ପ୍ର): ନିକଟରେ ୨୮ଟି ନୂଆ ଏନ୍ଏସିରେ ମୋହର ମାରିଛନ୍ତି ସରକାର । ଆହୁରି ଅନେକ ଅଞ୍ଚଳ ଏବେ ବି ଏନ୍ଏସି ରେସ୍‌ରେ ରହିଛନ୍ତି । ସରକାରଙ୍କ ଉପରେ ଚାପ ପକାଇବାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଛି ଆନ୍ଦୋଳନ । ଏସବୁ ଭିତରେ ଗୋଟିଏ ପାଦ ଆଗକୁ ଯାଇ ବଡ଼ ସଂକେତ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ସୁରେଶ ପୂଜାରୀ କହିଛନ୍ତି, ଏବେ ଏନ୍ଏସି କଲୁ । ଆଗକୁ ପଞ୍ଚାୟତ, ଜିଲ୍ଲା ଓ ସବ୍‌ଡିଭିଜନ ବିଭାଜନ ହେବ । ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଭଳି ବଡ଼ ଜିଲ୍ଲା ଅଛି । କେଉଁଟା ଆଗ କରିବୁ, କେଉଁଟା ପଛେ କରିବୁ ସେନେଇ ବିଜେଡିର ପରାମର୍ଶ ଲୋଡ଼ା ନାହିଁ। ଏଭଳି କହି ନୂଆ ଜିଲ୍ଲା ଗଠନ ଦାବିକୁ ବଳ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ । ▶▶ପୃଷ୍ଠା ୭

## ପଞ୍ଜାବରେ ହାଇଡ୍ରାମା : ଗୁଳି ଚଳାଇ ପୁଲିସ ହେପାଜତରୁ ଦୁଷ୍କର୍ମ ଅଭିଯୁକ୍ତ ଆପ୍ ବିଧାୟକ ଫେରାର

ନୂଆଦିଲ୍ଲୀ,୨/୯ : ଦୁଷ୍କର୍ମ ଅଭିଯୋଗରେ ଗରିଫ ପଞ୍ଜାବର ଆମ ଆଦମୀ ପାର୍ଟି- ଆପ୍ ବିଧାୟକ ପୁଲିସକୁ ଗୁଳି ଚଳାଇ ଓ ଗାଡ଼ି ଚଢ଼ାଇ ଫେରାର । ଦୁଷ୍କର୍ମ ଅଭିଯୋଗରେ ପଞ୍ଜାବ ସାନୌରର ଆପ୍ ବିଧାୟକ ହରିମିତ ସିଂ ଧିଲୋନ ପଠାନମାଜରାଙ୍କୁ କର୍ଣ୍ଣାଲରୁ ପଟିଆଲା ପୁଲିସ ଗିରଫ କରିଥିଲା । ତାଙ୍କୁ ସ୍ଥାନୀୟ ଥାନାକୁ ନେବା ବେଳେ ହରମିତ ଓ ତାଙ୍କ ସହଯୋଗୀ ପୁଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରିଥିଲେ । ଜଣେ ପୁଲିସ କର୍ମଚାରୀଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ । ସମ୍ପୃକ୍ତ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ବିଧାୟକଙ୍କ ସହଯୋଗୀ ଗୋଟିଏ ସ୍କର୍ପିଓ ଓ ଗୋଟିଏ ଫରଚ୍ୟୁନର ଗାଡ଼ିରେ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ । ପୁଲିସ ଫର୍ଚ୍ୟୁନର ଗାଡ଼ିକୁ ଧରିବାରେ ସକ୍ଷମ ହୋଇଛି । ଫର୍ଚ୍ୟୁନର ଗାଡ଼ିରୁ ପୁଲିସ ୩ଟି ମାରଣାସ୍ତ୍ର ଜବତ କରିଛି । ସ୍କର୍ପିଓ ଗାଡ଼ିରେ ବିଧାୟକ ହରମିତ ପଠାନମାଜରା ଫେରାର ହୋଇଯାଇଛନ୍ତି । ▶▶ପୃଷ୍ଠା ୭

## ଦେଶକୁ ମିଳିଲା ଓଡ଼ିଶା ତିଆରି ସେମିକଣ୍ଡକ୍ଟର ଚିପ୍, ପ୍ରଧାନମନ୍ତ୍ରୀଙ୍କ ହାତରେ ଦେଲେ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ,୨/୯ : ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦେଶର ପ୍ରଥମ ସେମିକଣ୍ଡକ୍ଟର ଚିପ୍‌କୁ ଉନ୍ମୋଚନ କରାଯାଇଛି । ସବୁଠାରୁ ବଡ଼କଥା ହେଲା, ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ପ୍ରସ୍ତୁତ ୩ଟି ସେମିକଣ୍ଡକ୍ଟର ଚିପ୍ ଭେଟି ଦେଇଛନ୍ତି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ନୂଆଦିଲ୍ଲୀରେ ଆୟୋଜିତ ସେମିକନ୍ ଇଣ୍ଡିଆ-୨୦୨୫ରେ ଏହି ଚିପ୍ ପ୍ରଦାନ କରାଯାଇଛି । ଏନ୍ଆଇଟି ରାଉରକେଲାରେ ପ୍ରସ୍ତୁତ ୨ଟି ଓ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ପ୍ରସ୍ତୁତ ଗୋଟିଏ ଚିପ୍ ପ୍ରଦାନ କରିଛନ୍ତି ଅଶ୍ୱିନୀ ବୈଷ୍ଣବ । ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଚାରିଟି ଅନୁମୋଦିତ ସେମିକଣ୍ଡକ୍ଟର ପ୍ରକଳ୍ପର 'ବିକ୍ରମ' ୩୨-ବିଟ୍ ପ୍ରୋସେସର୍ ଓ ପରୀକ୍ଷଣ ଚିପ୍ସ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାମିଲ ହୋଇଛନ୍ତି । ସେମିକନ୍ ଇଣ୍ଡିଆ-୨୦୨୫ରେ ଓଡ଼ିଶା ପାଭିଲିୟନକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ପର୍ଯ୍ୟାପ୍ତ ନିବେଶ ସୁଯୋଗ ରହିଥିବାରୁ ଏଥିରେ ସାମିଲ ହୋଇ କିପରି ଓଡିଶା ଭାଗିଦାରୀ ହୋଇପାରିବ ସେନେଇ ପ୍ରସ୍ତାବ ରଖିଛନ୍ତି । ସେମିକନ୍ ଇଣ୍ଡିଆ ୨୦୨୫ର ଐତିହାସିକ ▶▶ପୃଷ୍ଠା ୭

# ବୈଜ୍ଞାନିକ ଉଦୟ ଚନ୍ଦ୍ର ଦାସଙ୍କ ବିୟୋଗ



ବାଲେଶ୍ୱର , ୨/୦୯ (ନି.ପ୍ର): ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ (ଡ଼ି.ଆର୍.ଡ଼ି.ଓ)ର ପ୍ରୁଫ୍ କାର୍ଯ୍ୟାଳୟରେ ଉପନିର୍ଦ୍ଦେଶକ ତଥା ବରିଷ୍ଠ ବୈଜ୍ଞାନିକ ଭାବେ ଅବସର ଗ୍ରହଣ କରିଥିବା ଆଧାତ୍ମିକବାଦୀ ଧର୍ମାତ୍ମା ଉଦୟ ଚନ୍ଦ୍ର ଦାସ ଶୁକ୍ରବାର ଦିନ ତାଙ୍କ ସୁନହଟସ୍ଥିତ ବାସଭବନରେ ସନ୍ଧ୍ୟାରେ ଦେହତ୍ୟାଗ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା । ସ୍ୱର୍ଗତଃ ଦାସ ପ୍ରତିରକ୍ଷା ବିଭାଗରେ ଯୋଗଦାନ ପୂର୍ବରୁ ରଣସାହି ଉଚ୍ଚ ବିଦ୍ୟାପୀଠରେ ବିଜ୍ଞାନ ଶିକ୍ଷକ ଥିଲେ । ବିନାମୂଲ୍ୟରେ ସେ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଓ ଗଣିତ ପଢାଉଥିବାରୁ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଖୁବ୍ ପରିଚିତ ଥିଲେ। ବାଲେଶ୍ୱରର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଜଣେ ସକ୍ରିୟ ସଦସ୍ୟ ରହି ବହୁ ସମାଜସେବା ସହ ଆଧାତ୍ମିକ ଚର୍ଚ୍ଚା କରିଛନ୍ତି । ସେ ପାଂଚଟି ଭାଷାରେ କଥାବାର୍ତ୍ତା କରିପାରୁଥିବାରୁ ପ୍ରୁଫ କାର୍ଯ୍ୟାଳୟରେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଭାବେ ସ୍ୱର୍ଗତଃ ଦାସ ସୁନହଟ ଅଂଚଳରେ ବେଶ ପରିଚିତ ଥିଲେ । ସେ ଯୁବକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ସହ ଉଦାର ଚିତ୍ତରେ ପାଠପଢାରେ ସାହାଯ୍ୟ କରୁଥିଲେ । ଅନ୍ୟ ଦିଗରେ ସମ୍ପଦର ମୋହ ତାଙ୍କୁ ଗ୍ରାସି ନ ଥିଲା । ନିଜ ଗାଁର ସମ୍ପତ୍ତି ନିଜର ଏକମାତ୍ର ଗରୀବ ଭଉଣୀଙ୍କୁ ଦାନ କରିଦେଇଥିଲେ । ବାଲିଖଣ୍ଡ ହାଇସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରି ମାଟ୍ରିକ୍ ପାସ୍ ପରେ ବାଲେଶ୍ୱରସ୍ଥ ଫକୀରମୋହନ ମହାବିଦ୍ୟାଳୟରେ ସ୍ନାତକ ଓ ବିଜ୍ଞାନରେ ସ୍ନାତକୋତ୍ତର ଶେଷ କରି ଜଣେ ମେଧାବୀ ଛାତ୍ରର ପରିଚୟ ଦେଇଥିଲେ । ଅଧିକାଂଶ ସମୟ ସେ ଗୋ ସେବାରେ ବିତାଉଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ମାଳତୀ ଲତା ଦାସ, ତିନିପୁଅ, ବୋହୂମାନେ, ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ । ପ୍ରଜାପିତା ବ୍ରହ୍ମାକୁମାରୀମାନେ ତାଙ୍କୁ ଶେଷ ଦର୍ଶନ କରି ବୈଷ୍ଣବମତରେ ତାଙ୍କୁ ସମାଧି ଦିଆଯାଇଥିଲା ।

## ବରଦାପାଳ ଗ୍ରାମରେ ଜନ୍ତାଳ ପର୍ବ ପାଇଁ ପ୍ରସ୍ତୁତି

କେନ୍ଦୁଝର, ୨/୦୯ (ନି.ପ୍ର): ସଦର ବ୍ଲକ ବରଦାପାଳ ଗାଁର ପ୍ରତିଷ୍ଠିତ ପୀଠ ମା' ମଙ୍ଗଳେଶ୍ୱରୀ ମନ୍ଦିର ଆସନ୍ତା ଗୁରୁବାର ଦିନ ଉଜ୍ଜ୍ୱଳ ପରିବେଶରେ ବାର୍ଷିକ ଜନ୍ତାଳ ପର୍ବ ପାଳନ କରିବାକୁ ଯାଉଛି । ଏହାକୁ କେନ୍ଦ୍ର କରି ବରଦାପାଳ ସହିତ ସଦର ଅଂଚଳର ୧୮ଟି ପୀଢର ଭକ୍ତମାନେ ବିପୁଳ ଉତ୍ସାହରେ ମା'ଙ୍କ ଦର୍ଶନ ପାଇଁ ପ୍ରସ୍ତୁତ ହେଉଛନ୍ତି । ଗାଁରେ ପରିବେଶ ଉତ୍ସବମୁଖର ହୋଇଥିବାବେଳେ, ଜନ୍ତାଳ ପର୍ବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ମନ୍ଦିର ପରିସରର ସଜାଣ, ପୀଠ ପରିସରର ସ୍ପର୍ଶ, ରାତିରେ ଆଲୋକସଜ୍ଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା, ସମସ୍ତ କାର୍ଯ୍ୟ ଭକ୍ତମାନଙ୍କ ସହଯୋଗରେ ଜୋରଦାର ଭାବେ ଚାଲିଛି । ଏଥିରେ ଉଲ୍ଲେଖନୀୟ ଯେ, ରାଜ୍ୟ ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡିଶା' କାର୍ଯ୍ୟକ୍ରମ ଅଧୀନରେ ଏବଂ ସଦର ବିଧାୟକ, ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଧାୟକ ପାଣ୍ଠିର ସ୍ୱତନ୍ତ୍ର ଅନୁଦାନ ଜରିଆରେ, ଦୀର୍ଘବର୍ଷ ଧରି ଘଡିରହିଥିବା ଏହି ପୀଠର ଉନ୍ନତିକରଣ କାର୍ଯ୍ୟ ସଫଳ ହୋଇଛି । ଏହାରେ ମନ୍ଦିର ପରିସରର ପାଇଁ ନୂଆ ପଥ, ପରିସର ପରିଷ୍କାର, ଛାତ୍ରି, ଆସନ ବ୍ୟବସ୍ଥା ସହିତ ବହୁତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା, ୨/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇଦୁରା ଦୀପ ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୩୦ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୧୨ ଗୋଟି ଓ ସାମୂହିକ ୧୮ ଗୋଟି ରହିଥିବା ବେଳେ ୧୫ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତା, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜଙ୍ଗଲ ଓ ପରିବେଶ, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଉପ ଜିଲ୍ଲାପାଳ ଧର୍ମଗଡ଼, ପ୍ରେକ୍ଷା ଅଗ୍ରୱାଲ, ଉପ ଜିଲ୍ଲାପାଳ ଭବାନୀ ପାଟଣା ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେସ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ସହ ନିର୍ଦ୍ଦେଶକ,ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ କେସିଙ୍ଗାର ଅରଫାନ ଖାନଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଆତ୍ୟାଧୁନିକ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା ।

# କୁସଲେଶ୍ୱର ଯୁବ ରେଡକ୍ରସ ଦିବସ ପାଳିତ

କେନ୍ଦୁଝର, ୨/୦୯ (ନି.ପ୍ର): ଘସିପୁରା ବ୍ଲକ ରେକୁଟିଆ ସ୍ଥିତ କୁଶଳେଶ୍ୱର ଆଂଚଳିକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ତରଫରୁ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଲାଗି ଏକ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଡକ୍ରସ ପରାମର୍ଶଦାତା ମହେଶ୍ୱର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥି ଭବାନୀ ପ୍ରସାଦ ବଳ, ବିଜୟ କୁମାର ସାହୁ, ସୁଧାକର ଜେନା, ସତ୍ୟବ୍ରତ ପତି, ମହେଶ୍ୱର ଜେନା, ଦାମୋଦର ମୁଣ୍ଡା, ମିତା ପାତ୍ର, ଗଣେଶ ହେମ୍ବ୍ରମ, ଇଲାବତି ଖୁଣ୍ଟିଆ, ରାଷ୍ଟ୍ର ରଞ୍ଜନ ବାରିକ, ଅମ୍ରିତା ବେହେରା ଆଦି ବକ୍ତାବୃନ୍ଦ ଛାତ୍ରଛାତ୍ରୀଙ୍କୁ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ତାଙ୍କ ମତରେ, ଜଣେ ଭଲ ମଣିଷ ହୋଇ ଉଠିବା ହିଁ ଜୀବନର ସଫଳତାର ସବୁଠାରୁ ବଡ ମାପକାଠି । ପିତାମାତାଙ୍କ ନାମକୁ ଉଜ୍ଜ୍ୱଳ କରିବା, ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ରଖିବା ଏବଂ ଏକ ଆଦର୍ଶ ନାଗରିକ ଭାବରେ ଗଠିତ ହୋଇଉଠିବା ଉପରେ ଆଲୋକପାତ କରାଯାଇଥିଲା । ଏହି ଦିଗଦର୍ଶନ କେବଳ ଶିକ୍ଷାକୁ ନେଇ ନଥିଲା, ବରଂ ଜୀବନକୁ କିପରି ସମୃଦ୍ଧ ଓ ସାର୍ଥକ କରାଯାଇପାରିବ, ତାହାର ଏକ ପରିପୂର୍ଣ୍ଣ ନକ୍ସା ପ୍ରସ୍ତୁତ କରି ଦେଇଥିଲା । ଦ୍ୱିତୀୟାର୍ଦ୍ଧରେ ମନୋରଞ୍ଜନପୂର୍ଣ୍ଣ ସାଂସ୍କୃତିକ ରଖାଯାଇଥିଲା । ରାଜଲକ୍ଷ୍ମୀ ରାଉତ୍, ଜ୍ୟୋତିର୍ମୟୀ ମହାରଣା, ମାମୁନି ଦାସ, ବର୍ଷା ଜେନା, ଶିବାନୀ ସେଠୀ, ଜସ୍ମିନ ସେଠୀ, ଶ୍ରୀକାନ୍ତ କୁମାର ସାହୁ, ତ୍ରିଲୋଚନ ରାଉତ୍, ତୋଫାନ ପୃଷ୍ଟି, ଦେବାଶିଷ କର ଆଦି ସ୍ୱେଚ୍ଛାସେବୀମାନଙ୍କର ଅବିଶ୍ରାନ୍ତ ପରିଶ୍ରମ ଯୋଗୁଁ କାର୍ଯ୍ୟକ୍ରମଟି ସଫଳତାର ସହିତ ସମ୍ପନ୍ନ ହୋଇପାରିଥିଲା । ଶେଷରେ ମହିଳା କାଉନସିଲର ଅଳକା ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ସାର ବଂଟନରେ ଅନିୟମିତତା: ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

ମାଲକାନଗିରି, ୨/୦୯ (ନି.ପ୍ର): ସାର ଯୋଗାଣରେ ଅନିୟମିତତାକୁ ନେଇ ୩୨୬ ନମ୍ବର ଜାତୀୟ ରାଜପଥକୁ ସୋମବାର ଅବରୋଧ କରିଛନ୍ତି ଚାଷୀ । ବର୍ଷା ଋତୁ ସରିବାକୁ ଆସିଥିବା ବେଳେ ଚାଷୀଙ୍କୁ ମିଳୁନି ସାର । ମାଲକାନଗିରି ଜିଲ୍ଲା କାଲିମେଳା ଲାମ୍ପ୍ ରେ ସାର ମିଳୁ ନ ଥିବାରୁ ଚାଷୀ ଦଲାଲ ହାବୁଡ଼ରେ ପଡ଼ି ଶୋଷଣ ହେଉଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ତୁରନ୍ତ ସାର ଯୋଗାଣ ଦାବିରେ କାଲିମେଳା ବ୍ଲକର ଚାଷୀ ମାନେ ରାସ୍ତା ଅବରୋଧ କରିଥିଲେ । ସାର ଯୋଗାଣ ଦାବିରେ ଦୀର୍ଘ ସମୟ ଧରି ଚାଷୀ ମାନେ ଜାତୀୟ ରାଜପଥ ରାସ୍ତା ଅବରୋଧ କରି ଅଡିବସିଥିଲେ । ସେପଟେ କଳା ବଜାରରେ ୟୁରିଆ ସାର ର ଦାମ ଆକାଶ ଛୁଆଁ ବୋଲି ଚାଷୀ କିଣିବାକୁ ସକ୍ଷମ ନାହାନ୍ତି । ବର୍ତ୍ତମାନ ଧାନ ଫସଲ ରେ ଡ଼ିଏପି ଏବଂ ୟୁରିଆ ସାର ର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ସାର ବେପାରୀ ଏହାର ଫାଇଦା ଉଠାଇ ଚଢ଼ା ଦରରେ ବିକ୍ରୀ କରି କଳାବଜାରୀ ସୃଷ୍ଟି କରୁଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । ଏହାସହ ସରକାର ତୁରନ୍ତ ସାର ଉପଲବ୍ଧ କରିବାକୁ ଦାବି କରିଛନ୍ତି ।

# ପଦ୍ମଗିରୀଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ମାଲକାନଗିରି, ୨/୦୯ (ନି.ପ୍ର): ମାଲକାନଗିରି ବ୍ଲକ୍ ପଦ୍ମଗିରୀ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୪୫ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ଜଙ୍ଗଲ ଜମି ପଟ୍ଟା, ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା । ଆଜିର ଶିବିରରେ ୩୬ ଜଣ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ନୂତନ ଭାବେ ୪୫ ଜଣ ଶ୍ରମିକ ନାମ ପଞ୍ଜିକରଣ କରିଥିଲେ । ସେହିପରି ୮ ଜଣ ହିତାଧୀକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଜୀକୃତ ହୋଇଛନ୍ତି । ନୂତନ ଭାବେ ୭ ଜଣ ହିତାଧୀକାରୀଙ୍କର ରାସନ୍ କାର୍ଡ ନିମନ୍ତେ ନାମ ପଞ୍ଜିକରଣ କରାଯାଇଛି । ସେହିପରି ୩ ଜଣ କୃଷକଙ୍କ ନାମ ପଞ୍ଜିକରଣ ହୋଇଛି । ଆଠ ଜଣ ବ୍ୟକ୍ତିଙ୍କର ଆଧାର କାର୍ଡ ଅପଡେଟ କରାଯାଇଛି । ଜିଲ୍ଲାପାଳଙ୍କ ଏହି ଅଭିନବ ପ୍ରୟାସ ଯୋଗୁଁ ଅନେକ ଗ୍ରାମାଂଚଳ ହିତାଧୀକାରୀ ତୁରନ୍ତ ଅନଲାଇନ୍ ସେବା ପାଇ ଉପକୃତ ହୋଇ ପାରୁଛନ୍ତି ।

ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଉପ ଜିଲ୍ଲାପାଳ ଅଶ୍ୱିନୀ ଏ ଏଲ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ବିଡିଓ, ତହସିଲଦାର , ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ସର୍ବାଧିକ ଦ୍ରୁତ ପଣ୍ୟ କାରବାର

ଭୁବନେଶ୍ୱର, ୨/୦୯ (ନି.ପ୍ର): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର (ଏପ୍ରିଲ୍ ରୁ ଅଗଷ୍ଟ ୨୦୨୫) ପ୍ରଥମ ପାଂଚମାସିକ ଅବଧିରେ ଭାରତୀୟ ରେଳବାଇର ସର୍ବାଧିକ ଦ୍ରୁତ ପଣ୍ୟ ବୋଝେଇ ଓ ଅପସାରଣ କ୍ଷମତା ପ୍ରଦର୍ଶନ କରି ବଡ଼ ଉପଲବ୍ଧି ଅର୍ଜନ କରିଛି । ଏହି ଅବଧିରେ ରେଳମଣ୍ଡଳ ୧୩୨.୧୭ ନିୟୁତ ଟନ୍ ମାନ୍ୟ ବୋଝେଇ ଓ ଅପସାରଣ କରିଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ସମାନ ଅବଧିରେ ହୋଇଥିବା ୧୨୪.୩୦ ନିୟୁତ ଟନ୍ ଠାରୁ ଅଧିକ । ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ୭୨.୩୪ ନିୟୁତ ଟନ୍ ମାନ୍ୟ ବୋଝେଇ (୨୦୨୪ ର ୬୬.୫୦ ନିୟୁତ ଟନ୍ ଠାରୁ ୯% ବୃଦ୍ଧି), ୫୯.୮୩ ନିୟୁତ ଟନ୍ ପଣ୍ୟ ଅପସାରଣ (୨୦୨୪ ର ୫୭.୮୦ ମିଲିୟନ୍ ଟନ୍ , ଯାହା ଏହି ରେଳମଣ୍ଡଳର କାର୍ଯ୍ୟଦକ୍ଷତା ଓ ସମ୍ପଦ ଉପଯୋଗରେ ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ପଷ୍ଟ କରିଛି । ଅଗଷ୍ଟ ୨୦୨୫ ମାସରେ ୧୫.୦୩ ନିୟୁତ ଟନ୍ ପଣ୍ୟ ବୋଝେଇ (୨୦୨୪ ର ୧୩.୧୯ ନିୟୁତ ଟନ୍ ଠାରୁ ୧୩% ବୃଦ୍ଧି) ହୋଇଥିବା ବେଳେ ୧୧.୩୬ ନିୟୁତ ଟନ୍ (୨୦୨୪ ର ୧୧.୧୫ ନିୟୁତ ଟନ୍ ଠାରୁ ୧.୮୮% ବୃଦ୍ଧି) ପଣ୍ୟ ଅପସାରଣ ଏବଂ ରେକ୍ ଉପଯୋଗ: ୪,୦୨୭ (୨୦୨୪ ର ୩,୬୪୬ ଠାରୁ ୧୦% ବୃଦ୍ଧି) ହୋଇଛି । ଏହି କ୍ରମାଗତ ବୃଦ୍ଧି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର କର୍ମଚାରୀମାନେ, ଗ୍ରାହକ, ଭାଗିଦାରୀ ଓ ପୂର୍ବତଟ ରେଳପଥ ଜୋନ ସହଯୋଗ ଦ୍ୱାରା ସମ୍ଭବ ହୋଇପାରିଛି ।

# ମୋଟୁ ତହସିଲ ଅଂଚଳରେ ସକ୍ରିୟ ବାଲି ମାଫିଆ: ନଦୀ ତଟରେ ଗଚ୍ଛିତ ହୋଇଛି ବୋଝ ବୋଝ ବାଲି

ମାଲକାନଗିରି, ୨/୦୯ (ନି.ପ୍ର): ଜଙ୍ଗଲ ସାଙ୍ଗକୁ ଉଭୟ ନଦୀର ତଟବର୍ତ୍ତୀ ଅଂଚଳ ହୋଇଥିବାରୁ ସରକାରୀ ବାବୁଙ୍କ ଦୃଷ୍ଟି ଆଢୁଆଳରୁ ବର୍ତ୍ତୀ ରହିଥିବା ମାଲକାନଗିରି ଜିଲ୍ଲା ମୋଟୁ ତହସିଲ ଅନ୍ତର୍ଗତ କୁଟୁମପଲ୍ଲୀ ଅଂଚଳରେ ଚାଲିଛି ବାଲି ମାଫିଆଙ୍କ ରାଜ ! ଗ୍ରାମ ନିକଟସ୍ଥ ନଦୀ ଘାଟରୁ ଲୋଡ ଲୋଡ ବାଲି ବେଆଇନ ଭାବେ ଚାଲାଣ କରାଯାଉଥିବା ଜଣାପଡ଼ିଛି । ମାଲକାନଗିରି ଜିଲ୍ଲାର ଜୀବନରେଖା କୁହାଯାଉଥିବା ଶାବେରୀ ନଦୀ ଠାରୁ ମାତ୍ର କେଇ ମିଟର ଦୂରରେ ରହିଥିବା ବିସ୍ତିର୍ଣ୍ଣ ବାଲିକୁ ଟ୍ରାକ୍ଟର ସାହାଯ୍ୟରେ ଲୋଡ କରି ବେଆଇନ ଭାବେ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି । ଅନ୍ୟପଟେ କିଛି ଚାଲାଣକାରୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ନଦୀ ତଟରେ ଥିବା ଜଙ୍ଗଲରେ ମଧ ଲୋଡ ଲୋଡ ବାଲି ଗଚ୍ଛିତ ରଖିଛନ୍ତି । ସୂଚନା ମୁତାବକ ମାଲାକନଗିରି ଜିଲ୍ଲା ମୋଟୁ ତହସିଲ ଅନ୍ତର୍ଗତ ଏମପିଭି ୫୪ ଓ କୁଟୁମପଲ୍ଲୀ ଗ୍ରାମ ନଦୀ ତଟକୁ ଯାଉଥିବା ରାସ୍ତା ଦେଇ କୁଟୁମପଲ୍ଲୀ ନଦୀ କୂଳରୁ ଦୈନିକ ଟ୍ରାକ୍ଟର ଯୋଗେ ଏହି ବାଲି ଚାଲାଣ କରାଯାଉଥିବା ଜଣାପଡ଼ିଛି । ଏଥିସହ ନଦୀ ଘାଟରୁ ବାଲି ବୋହି ନଦୀ ତଟରେ ଥିବା ଜଙ୍ଗଲରେ ରଖି ଆବଶ୍ୟକ ମୁତାବକ କାମରେ ଲଗାଇବା ପାଇଁ ଚାଲାଣ କରାଯାଉଥିବା ଜଣାପଡ଼ିଛି । ଏହି ସ୍ଥାନରେ ସରକାରୀ ବାବୁଙ୍କ ପାଦ ପଡୁ ନଥିବାରୁ ଏହାର ସୁଯୋଗ ନେଇ ବେଆଇନ ଚାଲାଣକାରୀ ମାନେ ସକ୍ରିୟ ଭାବେ ଏଠାରୁ ବାଲି ଚାଲାଣ କରୁଛନ୍ତି । ଘାଟରୁ ବେଆଇନ ଭାବେ ବାଲି ଚାଲାଣ ଯୋଗୁଁ ସରକାରଙ୍କ ରାଜସ୍ୱ ହାନୀ ହେଉଛି । ଏ ନେଇ ମୋଟୁ ତହସିଲଦାରଙ୍କ ସହ ଆଲୋଚନା କରିବାରୁ ସେ ଏ ବାବଦରେ ଜାଣି ନ ଥିବା ବେଳେ ଏହାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

# ଓଡ଼ିଆ ଅସ୍ମିତା ରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ ସରକାର: ଅଶୋକ ଚନ୍ଦ୍ର ପଣ୍ଡା

ଭୁବନେଶ୍ୱର, ୨/୦୯ (ନି.ପ୍ର): ଓଡ଼ିଆ ଅସ୍ମିତା ରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ ସରକାର ବୋଲି ଦାବି କରିଛନ୍ତି ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା । ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, କ୍ଷମତାକୁ ଆସିବା ପୂର୍ବରୁ ଓଡ଼ିଆ ଅସ୍ମିତା ନେଇ ମୋହନ ମାଝୀ ବହୁତ ଡିଣ୍ଡିମ ପିଟୁଥିଲେ । ଓଡ଼ିଆ ଅସ୍ମିତା ସହ ଜଡିତ ଅତିବଡ଼ି ଜଗନ୍ନାଥ ଦାସ । ସେ ଓଡ଼ିଆ ଭାଗବତ ରଚନା କରିଥିଲେ । ସେ ବ୍ରହ୍ମଗିରିର କପିଳେଶ୍ୱରରେ ଜନ୍ମଗ୍ରହଣ କରିଥିଲେ । ଏହି ଗାଁରେ ତୋରଣ ଓ ବ୍ୟାଖ୍ୟାନ କେନ୍ଦ୍ର କରିବାକୁ ନବୀନ ପଟ୍ଟନାୟକ ସରକାର ନିଷ୍ପତ୍ତି ନେଇଥିଲେ । ତାଙ୍କ ସାଧନା ପୀଠ ସାତଲହଡି ମଠ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି । ଏହାର ପୁନରଉଦ୍ଧାର ପାଇଁ ନବୀନ ପଟ୍ଟନାୟକ ୫୦ ହଜାର ଟଙ୍କା ଦେଇଥିଲା । ଆଜି ଏହି ମଠକୁ ଦେଖିଲେ ପ୍ରତି ଓଡ଼ିଆଙ୍କ ମନକୁ ଆଘାତ ଲାଗୁଛି । ଯେଉଁ ବରପୁତ୍ରମାନେ ଓଡ଼ିଆ ଆଧାତ୍ମିକ କ୍ଷେତ୍ରକୁ ଆଗେଇଛନ୍ତି, ତାଙ୍କ ସାଧନା ପୀଠକୁ ଅବହେଳା କଲେ, ତାହାଲେ ନିଜକୁ ଦକ୍ଷ କହୁଥିବା ସରକାର କେତେ ଦକ୍ଷ ଏଥିରୁ ଜଣାଯାଉଛି । ଇତିହାସ ତାଙ୍କୁ ପ୍ରଶ୍ନ କରିବ ।ସେହିପରି ପାଇକ ବିଦ୍ରୋହର ନେତୃତ୍ୱ ନେଇଥିବା ବକ୍ସି ଜଗବନ୍ଧୁଙ୍କ ନାଁରେ ଥିବା ବିଜେବି କଲେଜରେ ଅଡିଟୋରିଅମ କରିବାକୁ ନବୀନ ପଟ୍ଟନାୟକ ସରକାର ପ୍ରସ୍ତାବ ଆଣିଥିଲେ । ପୂର୍ବତନ ସାଂସଦ ଅମର ପଟ୍ଟନାୟକ, ସାଂସଦ ସସ୍ମିତ ପାତ୍ର, ଉଚ୍ଚଶିକ୍ଷା ବିଭାଗ ଓ ମୋ ବିଧାୟକ ପାଣ୍ଠିରୁ ସମୁଦାୟ ୨୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ଦୁର୍ଭାଗ୍ୟଜନକ କଥା ଯେ ଏ ଯାଏଁ ରୂପରେଖ ନେଲାନି । ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବି ବିଜେବି ଛାତ୍ର । ସେ ପ୍ରତିଶୃତି ଦେଇଥିଲେ କାମ କରିବାକୁ । ହେଲେ ସେ ଏ ଯାଏଁ କଲେନି । ଦାବି ହେଉଛି ସାତଲହଡି ମଠ ପୁନରଉଦ୍ଧାର ଓ ବିଜେବି ଅଡିଟୋରିଅମ କରନ୍ତୁ । ଓଡ଼ିଆ ଅସ୍ମିତା ରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ ସରକାର ବୋଲି ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ।

# ସିପିଆଇର ୨୪ତମ ରାଜ୍ୟ ସମ୍ମିଳନୀ ୪ରୁ

ଭୁବନେଶ୍ୱର, ୨/୦୯ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମ୍ବିଧାନ ଅନୁସାରେ ପ୍ରତି ୩ ବର୍ଷରେ ରାଜ୍ୟ ସମ୍ମିଳନୀ ହେଉଥିବାବେଳେ ଚଳିତ ସେପ୍ଟେମ୍ବର ୪, ୫ ଓ ୬ ତିନିଦିନ ଧରି ଭୁବନେଶ୍ୱରଠାରେ ସିପିଆଇର ୨୪ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ ଓ ଚଳିତ ବର୍ଷ ପାର୍ଟିର ଶତବାର୍ଷିକୀ ଚାଲିଥିବାରୁ ୪ ସେପ୍ଟେମ୍ବର ଭୁବନେଶ୍ୱରଠାରେ ଶତବାର୍ଷିକୀ ମହାସମାବେଶରେ ଜନଗଣଙ୍କ ସଂଘର୍ଷ ସଂକଳ୍ପ ସମାବେଶ ଅନୁଷ୍ଠିତ ହେଉଛି ବୋଲି ଆଜି ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ଓ ଏନ. ନାରାୟଣ ରେଡି ଏବଂ ୨୪ ଓଡ଼ିଶା ରାଜ୍ୟ ସମ୍ମିଳନୀ ଅଭ୍ୟର୍ଥନା କମିଟିର ଉପସାଧାରଣ ସମ୍ପାଦକ ସୁର ଜେନା ସୂଚନା ଦେଇଛନ୍ତି । ଚଳିତ ବର୍ଷ ସିପିଆଇର ଶହେ ବର୍ଷ ଚାଲିଥିବାବେଳେ ଆମ ରାଜ୍ୟର ୨୪ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେଉଥିବାରୁ ଏହି ସମ୍ମିଳନୀର ଖୋଲା ଅଧିବେଶନ 'ଶତବାର୍ଷିକୀ ସମାରୋହ'ରେ ଜନଗଣଙ୍କ ସଂଘର୍ଷ ସଂକଳ୍ପ ସମାବେଶ ଅନୁଷ୍ଠିତ ହେବ । ଏଥିରେ ସମଗ୍ର ରାଜ୍ୟର ପାର୍ଟି ସଭ୍ୟ, ସମର୍ଥକ, ଛାତ୍ର, ଯୁବ, ମହିଳା, ଶ୍ରମିକ, କୃଷକ, ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗ ଦେବେ । ଏହି ଶତବାର୍ଷିକୀ ସମାରୋହରେ ପାର୍ଟିର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଡି. ରାଜା, ଏଆଇଟିୟୁସିର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଅମରଜିତ୍ କାଉର, ଜାତୀୟ ସମ୍ପାଦକ ପଲ୍ଲବ ସେନଗୁପ୍ତ, ଓଡ଼ିଶା ଦାୟିତ୍ୱରେ ଥିବା ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ସମେତ ରାଜ୍ୟ ନେତୃବୃନ୍ଦ ଉଦ୍‌ବୋଧନ ଦେବେ ।

ପୃଥିବୀର ସର୍ବବୃହତମ ଗଣତନ୍ତ୍ରର ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟାକୁ ଧ୍ୱଂସ କରି ବ୍ୟବସ୍ଥାଗତ ଭୋଟ ଚୋରି ମାଧ୍ୟମରେ କ୍ଷମତା ହାତେଇବାର ଏକଛତ୍ରବାଦୀ ବ୍ୟବସ୍ଥାକୁ ମୁକାବିଲା ପାଇଁ ରାଜନୈତିକ ତର୍ଜମା ସହ ଏହି ସାମ୍ପ୍ରଦାୟିକ ଏକଛତ୍ରବାଦର ବିଦାୟ ପାଇଁ ରାଜନୈତିକ ନିଷ୍ପତ୍ତି ଗ୍ରହଣ କରାଯିବ । ଏହି ଏକଛତ୍ରବାଦୀ ଶାସନ ବ୍ୟବସ୍ଥା ଭିତରେ ଶିକ୍ଷା ସଙ୍କୋଚନ, ଘରୋଇକରଣ, ସାମ୍ପ୍ରଦାୟୀକରଣ କରାଯାଇ ଦେଶରେ ମୂର୍ଖ ସୃଷ୍ଟି କରିବା, ସ୍ୱାସ୍ଥ୍ୟର ଘରୋଇକରଣ କରାଇ ଜନଗଣଙ୍କୁ ଲୁଣ୍ଠନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସମ୍ବଳ ସବୁ ସୀମିତ ସଂଖ୍ୟକ ରାହୁ ପୁଞ୍ଜିପତିଙ୍କ ପାଦ ତଳେ ସମର୍ପଣ କରି ନିଯୁକ୍ତି ହ୍ରାସ, ଶ୍ରମିକ ଶୋଷଣ, ବେରୋଜଗାରୀ ବୃଦ୍ଧି, ଖଣି, ଜମି, ଜଳ, ଜଙ୍ଗଲ ଲୁଣ୍ଠନ; ଆଦିବାସୀ, ଦଳିତ ଓ ଗରିବମାନଙ୍କୁ ତାଙ୍କ ଭିଟାମାଟିରୁ ବିସ୍ଥାପନ, ଜିଏସ୍‌ଟି ନାମରେ ସାଧାରଣ ଜନତାଙ୍କୁ ଲୁଣ୍ଠନ କରି କର୍ପୋରେଟ୍ ଶୋଷଣ, ଶ୍ରମ ଆଇନ ରଦ୍ଦ କରି ଶ୍ରମିକ ବିରୋଧୀ ଶ୍ରମ କୋଡ୍ ମାଧ୍ୟମରେ ଶ୍ରମିକଶ୍ରେଣୀଙ୍କୁ କ୍ରୀତଦାସ କରାଇବା, ବେଟି ବଚାଓ- ବେଟି ପଢ଼ାଓ ଆଢୁଆଳରେ ଗଣ ଦୁଷ୍କର୍ମ ଓ ନାରୀ ନିର୍ଯାତନା ବଢ଼ାଇ ଚାଲିଥିବାବେଳେ ଏହା ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ ସହ ଦେଶର ରାଜନୈତିକ ଚିତ୍ରପଟ୍ଟରେ ପରିବର୍ତ୍ତନ ଆଣିବା ପାଇଁ ଖସଡ଼ା ପ୍ରସ୍ତୁତ କରାଯିବ । ସେହିଭଳି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୁରୁଣା ଗଣଭିତ୍ତିକୁ ପୁନଃ ସଂଗଠିତ କରିବା ସହ ରାଜ୍ୟର ୩୦ଟି ଜିଲ୍ଲାରେ ସମସ୍ତ ନିର୍ବାଚନମଣ୍ଡଳୀ ଓ ସମସ୍ତ ସ୍ୱାୟତ୍ତ ସଂସ୍ଥାରେ ପାର୍ଟି ସଙ୍ଗଠନର ଗଣଭିତ୍ତିକୁ ସୁଦୃଢ଼ କରିବା ପାଇଁ ଏହି ତିନିଦିନିଆ ସମ୍ମିଳନୀରେ ନିଷ୍ପତ୍ତି ହେବ । ଆଗାମୀ ୩ ବର୍ଷ ପାଇଁ ନୂତନ ରାଜ୍ୟ ପରିଷଦ, ସେଥିମଧ୍ୟରୁ ନୂତନ କାର୍ଯ୍ୟକାରୀ କମିଟି ଓ ସମ୍ପାଦକମଣ୍ଡଳୀ ନିର୍ବାଚିତ ହେବେ । ଏଥିପାଇଁ ଗଠିତ ଏକ ଶହେ ଜଣିଆ ଅଭ୍ୟର୍ଥନା କମିଟିରେ ଓଡ଼ିଶାରେ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ପ୍ରାଣନାଥ ପଟ୍ଟନାୟକଙ୍କ ସୁଯୋଗ୍ୟ ଦାୟାଦ ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଅଧ୍ୟକ୍ଷ, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅମିୟ ପଟ୍ଟନାୟକ- ସାଧାରଣ ସମ୍ପାଦକ, ସୁର ଜେନା - ଉପସାଧାରଣ ସମ୍ପାଦକ, ପ୍ରଫୁଲ୍ଲ ତ୍ରିପାଠୀ- କୋଷାଧ୍ୟକ୍ଷ ଅଛନ୍ତି । ୨୪ତମ ସମ୍ମିଳନୀ ଅନୁଷ୍ଠିତ ହେଉଥିବା ନଗରକୁ ପ୍ରୟାତ ରାଜ୍ୟ ସମ୍ପାଦକ ଦିବାକର ନାୟକ ନଗର ନାମରେ ନାମିତ କରାଯାଇଛି ।

# ଶିକ୍ଷା ଗ୍ରାମ ଫାଉଣ୍ଡେସନ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର, ୨/୦୯ (ନି.ପ୍ର): ଭିନ୍ନକ୍ଷମମାନଙ୍କୁ ଦୟା କି ସମବେଦନାର ଆବଶ୍ୟକତା ନାହିଁ। ସେମାନଙ୍କୁ ଲୋଡ଼ା ସଂପ୍ରୀତି, ସଂପର୍କ, ସଦ୍‌ଭାବନା, ସହଭାଗିତା ଓ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବାକୁ ସଂପୂର୍ଣ୍ଣ ସମର୍ଥନ । ସେମାନଙ୍କ କାନ୍ଧରେ ହାତ ପକାଇ, ହାତରେ ହାତ ମିଳାଇ ମନକୁ ମନ ମିଶାଇ ପାରିଲେ ସେମାନେ ଆମ ସମାଜର ବିକାଶରେ ଅଂଶୀଦାର ହେବାକୁ ଆଗେଇ ଆସିବେ । ସେମାନେ ଆମ ଜାତି ନିର୍ମାଣ ଓ ଅଭିବୃଦ୍ଧିରେ ଭାଗୀଦାର ହେବେ । ଆମର ସହଯାତ୍ରୀ ହେବେ । ବିକାଶର ରାସ୍ତାକୁ ପ୍ରଶସ୍ତ କରିବେ ବୋଲି ଶିକ୍ଷା ଗ୍ରାମ ଫାଉଣ୍ଡେସନ୍ ?ଟ୍ରଷ୍ଟର ସପ୍ତଦଶ ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ସ୍ଥାନୀୟ ମଧୁସୂଦନ ଇନ୍‌ଷ୍ଟିଚ୍ୟୁଟ୍ ? ଅଫ୍ କୋଅପରେଟିଭ୍ ମାନେଜ୍‌ମେଣ୍ଟଠାରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଉପଶାସନ ସଚିବ ସନ୍ନ୍ୟାସୀ ବେହେରା କହିଲେ ଯେ ଭିନ୍ନକ୍ଷମମାନଙ୍କ ପ୍ରତି ଯଥାର୍ଥ ଗ୍ରହଣଶୀଳତା, ସକ୍ଷମ ଭାବରେ ସେମାନଙ୍କ କୃତିତ୍ୱ ପ୍ରଦର୍ଶନ ପାଇଁ ପ୍ରୋତ୍ସାହନ, ସେମାନଙ୍କ ସୃଜନଶୀଳ ପ୍ରତିଭା ଓ ଦକ୍ଷତାକୁ ସବୁମତେ, ସବୁଠାରେ ଆଦର ମିଳିବା ଦରକାର । ଭିନ୍ନକ୍ଷମମାନଙ୍କ ଜୀବନଧାରା ଓ ବ୍ୟକ୍ତିତ୍ୱ ବିକାଶରେ ଆମ ସମାଜର ସବୁବର୍ଗର ଲୋକେ ଆପଣାର ଇଚ୍ଛାଶକ୍ତି ବଳରେ ସହଯୋଗ ପ୍ରଦାନ କଲେ ପୃଥିବୀ ସୁଖୀ ଓ ସମୃଦ୍ଧ ହୋଇପାରିବ । ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ଆମର କାର୍ଯ୍ୟକ୍ରମ ସଫଳ ହେବ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଶ୍ରୀ ସୁଦର୍ଶନ ନାୟକ ଭିନ୍ନକ୍ଷମମାନଙ୍କ କଲ୍ୟାଣ ସହିତ ସେମାନଙ୍କର ସାମାଜିକ-ଅର୍ଥନୈତିକ ଜୀବନଧାରାରେ ଅଭିବୃଦ୍ଧି, ନିଯୁକ୍ତି, ଦକ୍ଷତା ବୃଦ୍ଧି ଉପରେ ସମାଜର ସବୁ ମହଲରୁ ପ୍ରୟାସ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ । ଶିକ୍ଷା ଗ୍ରାମ ଫାଉଣ୍ଡେସନ୍ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ଅର୍ଚ୍ଚନା ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ଫାଉଣ୍ଡେସନ୍ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କରିବା ଉଦ୍ଦେଶ୍ୟରେ କଳା ଏବଂ ନୃତ୍ୟ ଉପରେ ଏହି କର୍ମଶାଳା ଆୟୋଜନ କରୁଛି । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ବୋଲି ସେ ଉଲ୍ଲେଖ କରିଥିଲେ । ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସାମର୍ଥ୍ୟ, ଦକ୍ଷତା ଓ ସଫଳତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ 'ଆମେ ସମର୍ଥ- ଅନ୍ତର୍ଭୁକ୍ତି, ସଶକ୍ତିକରଣ ଓ ସୃଜନଶୀଳତାକୁ ପ୍ରୋତ୍ସାହନ' ଶୀର୍ଷକ ଏକ କଳା ଓ ନୃତ୍ୟ କର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୩୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା ।

# କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

କେନ୍ଦୁଝର, ୨/୦୯ (ନି.ପ୍ର): ସୋମବାର ଦିନ ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୦୨ ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୭୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ସେଥିମଧ୍ୟରୁ ୪୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିଲା । ଏହି ଶୁଣାଣିରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ, ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, କେନ୍ଦୁଝର ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ ।

# ଜେଲଗୁଡିକର ଦୟନୀୟ ସ୍ଥିତି

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଦେଶରେ ଥିବା ଜେଲଗୁଡିକରେ ବ୍ୟାପକ ସଂସ୍କାର ତଥା କଏଦୀଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ଏବଂ ସୁପ୍ରିମକୋର୍ଟ ବହୁବିଧ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିଥିବାବେଳେ କାରାଗାରଗୁଡିକରେ କଏଦୀଙ୍କ ସ୍ଥିତି ନେଇ ଦି ଇଣ୍ଡିଆ ଜଷ୍ଟିସ ରିପୋର୍ଟ ୨୦୨୫ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଜେଲଗୁଡିକର ଦୟନୀୟ ଅବସ୍ଥାକୁ ପ୍ରଦର୍ଶିତ କରିଛି ବୋଲି କୁହାଯାଇପାରିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଥିବା ମୋଟ ୧୩୦୨ଟି ଜେଲରେ ୪ଲକ୍ଷ ୩୬ହଜାର ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ୨୦୨୨ ମସିହା ସୁଦ୍ଧା ୫ଲକ୍ଷ ୭୩ ହଜାରରୁ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟାଠାରୁ ୧୩୧ ପ୍ରତିଶତ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟା ଠାରୁ ୧୩୧ ପ୍ରତିଶତ ଅଧିକ। ଇତି ମଧ୍ୟରେ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ବୃଦ୍ଧି ପାଇବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଅଧାରୁ ଅଧିକ କାରାଗାରଗୁଡିକରେ କ୍ଷମତା ଠାରୁ ଅଧିକ କଏଦୀ ଥିବାବେଳେ କେତେକରେ ୪ଗୁଣାରୁ ଅଧିକ କଏଦୀ ରହିଅଛନ୍ତି। ରାଜଧାନୀ ଦିଲ୍ଲୀରେ ଚର୍ଚ୍ଚିତ ତିହାର ଜେଲରେ କ୍ଷମତାଠାରୁ ୮ଗୁଣ ଅଧିକ ତଥା ୪୦୦ ପ୍ରତିଶତରୁ ଅଧିକ କଏଦୀ ରହିଥିବାବେଳେ ୧୭୬ଟି କାରାଗାରରେ ଏବେ ଧାର୍ଯ୍ୟ ସଂଖ୍ୟା ଠାରୁ ୪ଗୁଣ ଅଧିକ ତଥା ୨୦୦ ପ୍ରତିଶତ କଏଦୀ ଅଧିକ ରହିଛନ୍ତି। ଏଥିରୁ କଏଦୀମାନେ କେତେ ସୁଖ ସ୍ୱାଚ୍ଛନ୍ଦ୍ୟରେ ବନ୍ଦୀ ଜୀବନଯାପନ କରୁଛନ୍ତି, ତାହା ସ୍ପଷ୍ଟ ଅନୁମେୟ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବିଚାରଧୀନ ଏବଂ ସେମାନଙ୍କର ଦୀର୍ଘ ଅବସ୍ଥାନ ଯୋଗୁଁ କାରାଗାରଗୁଡିକରେ ଗହଳି ବଢିବାରେ ଲାଗିଛି। ଏପରିକି ମାମଲା ବିଚାର ହୋଇପାରୁନଥିବାରୁ ଦୀର୍ଘ ବର୍ଷ ବର୍ଷ ଧରି ବିଚାରାଧୀନମାନେ ଭାଗ୍ୟକୁ ଆଦରି ପଡିରହିଛନ୍ତି। କାରାଗାରଗୁଡିକର ଅବସ୍ଥା ଏପରି ହୋଇଛି ଯେ, ଅନ୍ତେବାସୀମାନେ ଭିଡ ବା ଗହଳି ଯୋଗୁଁ ଅଣ ନିଶ୍ୱାସୀ ହୋଇପଡିଲେଣି। ଆହୁରି ମଧ୍ୟ ଏନେଇ କାରାଗାର ସଂସ୍କାର କମିଟି ଯେଉଁ ରିପୋର୍ଟ ଦେଇଛି, ତାହା ମଧ୍ୟ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ଜେଲରେ ଗହଳି ଯୋଗୁଁ ୬୮ ପ୍ରତିଶତ କଏଦୀ ଭଲରେ ହୋଇପାରୁଥିବାବେଳେ ସ୍ଥାନଭାବ ଯୋଗୁଁ ୩୨ପ୍ରତିଶତ କଏଦୀଙ୍କୁ ରାତ୍ରି ଅନିଦ୍ରା ହେବାକୁ ପଡୁଛି। ତେବେ ଏବେ ଜେଲଗୁଡିକରେ କଏଦୀଙ୍କ ସଂଖ୍ୟା ଯେପରି ବଢିଚାଲିଛି, ୨୦୩୦ ମସିହା ସୁଦ୍ଧା ସେମାନଙ୍କ ସଂଖ୍ୟା ୬ଲକ୍ଷ ୮୦ହଜାରକୁ ବୃଦ୍ଧି ପାଇବ। ଯାହାକି କାରାଗାରଗୁଡିକର ସାମର୍ଥ୍ୟ ୫ଲକ୍ଷ ୧୫ହଜାର ଠାରୁ ଢେର ଅଧିକ। ଏହା ନିସନ୍ଦେହ ଯେ, ବ୍ୟାପକ ଜେଲ ସଂସ୍କାର ସତ୍ୱେ କାରାଗାରଗୁଡିକରେ କେବଳ ସ୍ଥାନାଭାବ ନୁହେଁ, ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସମେତ ବିଭିନ୍ନ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏହା ହେଉଛି ମାନବିକ ଅଧିକାର ଜରୁରୀ ପରିସ୍ଥିତି। ଜେଲରେ ଦୀର୍ଘ ବନ୍ଦୀ ଯୋଗୁଁ କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବଢିଚାଲିଛି। ଏକ ରିପୋର୍ଟ ଅନୁଯାୟୀ, ୨୦୧୨ ମସିହା ପରେ ମାନସିକ ରୋଗ ଦ୍ୱିଗୁଣିତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଚାରାଧୀନ କଏଦୀ। ଯେଉଁମାନଙ୍କ ଅପରାଧ ନିର୍ଦ୍ଧାରିତ ହୋଇନାହିଁ। ସେମାନେ ଏବେ ମାନସିକ ଯନ୍ତ୍ରଣରେ ଜର୍ଜରିତ। ଗୋଟିଏ ପଟେ ଜେଲରେ ଅନ୍ତେବାସୀଙ୍କ ମଧ୍ୟରେ ମାନସିକ ରୋଗ ବଢିଚାଲିଥିବାବେଳେ ଅନ୍ୟପଟେ ଦେଶରେ ସମସ୍ତ କଏଦୀଙ୍କ ପାଇଁ ମାତ୍ର ୨୫ ଜଣ ମନୋଚକିତ୍ସକ ଅଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଇପାରେ। ସେହିପରି ଜେଲରେ ଚିକିତ୍ସା ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ଦେଶବ୍ୟାପୀ ୪୩ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଛି। ଚିକିତ୍ସା ଅଭାବରୁ କଏଦୀମାନେ ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କୁହାଯାଏ। ଜାତୀୟ ରାଜଧାନୀ ଦିଲ୍ଲୀରେ ଥିବା ଜେଲ ଗୁଡିକରେ ୨୦୬ ଜଣ କଏଦୀଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଥିବା ଜଣାଯାଏ। ଏହା ନିସନ୍ଦେହ ଯେ, ଜେଲରେ କଏଦୀଙ୍କ ପ୍ରତି ଉଭୟ ସରକାର ଓ ବିଚାର ପ୍ରକ୍ରିୟାର ଅବହେଳା ନୂଆ ନୁହେଁ। ବିଚାର ପ୍ରକ୍ରିୟାରେ ମନ୍ଥରତା ଯୋଗୁଁ ବିଚାରାଧୀନଙ୍କ ବନ୍ଦୀ ଜୀବନ ବଢିଚାଲିଥିବାବେଳେ ସରକାର ପ୍ରଶାସନର ଉଦାସୀନତା ସଂକଟକୁ ଦ୍ୱିଗୁଣିତ କରିଛି। ଜେଲଗୁଡିକରେ ସୁଧାର କାର୍ଯ୍ୟକ୍ରମ ପାଇଁ ମଂଜୁରୀ ପ୍ରାପ୍ତ ପଦବୀଗୁଡିକ ମଧ୍ୟରୁ ୬୦ପ୍ରତିଶତ ପଦବୀ ଖାଲି ପଡିଛି। କର୍ମଚାରୀ ଅଭାବରୁ ସୁଧାରମୂଳକ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ସେହିପରି ସର୍ବୋଚ୍ଚ ଅଦାଲତ ବାରମ୍ବାର ଦୀର୍ଘକାଳୀନ ଜେଲ ଯୋଜନାର ଅବାଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଥିବା ସତ୍ୱେ ଶାସନ-ପ୍ରଶାସନର ଉଦାସୀନତା ଯୋଗୁଁ କୌଣସି କାର୍ଯ୍ୟ ଆଗଇେ ପାରୁନାହିଁ। ଯାହାର ପରିଣତିସ୍ୱରୁପ ଜେଲ ସଂକଟ ବଢିବାରେ ଲାଗିଛି। ଏହି ସଂକଟର ସମାଧାନ ପାଇଁ ରାଜନୈତିକ ଇଚ୍ଛାଶକ୍ତି ଜରୁରୀ। ଫାଷ୍ଟଟ୍ରାକ କୋର୍ଟ ଏବଂ ବିକଳ୍ପ ବିବାଦ ସମାଧାନର ପନ୍ଥା ବିଚାରଧୀନ କଏଦୀଙ୍କ ସଂଖ୍ୟା ହ୍ରାସ କରିପାରିବ। ଆହୁରି ମଧ୍ୟ କଏଦୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭିତିଭୂମି ନିର୍ମାଣ, ଡାକ୍ତର, ମନୋଚିକିତ୍ସା ଓ କର୍ମଚାରୀ ନିଯୁକ୍ତିର ଜରୁରୀ ଆବଶ୍ୟକତା ରହିଛି। ଗରିବଙ୍କ ପାଇଁ ଆଇନଗତ ସହାୟତାକୁ ତ୍ୱରିତ କରିବା ସହ ବିଚାରଧୀନଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଏହା ସତ୍ୟ ଯେ, କଏଦୀଙ୍କୁ ସମ୍ମାନ ଓ ଯତ୍ନ ଆମ ଗଣତନ୍ତ୍ର ଶକ୍ତିକୁ ପ୍ରତିଫଳିତ କରେ, ଏହା ଏକ ଅନୁକମ୍ପା ନୁହେଁ, ସାମ୍ବିଧାନିକ କର୍ତବ୍ୟ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଆଲର୍ଜିର କାରଣ, ଲକ୍ଷଣ ଓ ପ୍ରତିକାର

**ଡାକ୍ତର ରାମପ୍ରସାଦ ରାୟ**



ଲଗାଣ ବର୍ଷାର ପ୍ରକୋପ ବଢ଼ିଲାଣି। ବର୍ଷର ପ୍ରାୟତଃ ସବୁ ସମୟରେ ଆମ ଭିତରୁ ଅନେକଙ୍କୁ ଆଲର୍ଜିର ସମସ୍ୟା ଦେଖାଦେଇଥାଏ। ତେବେ ବର୍ଷା ସମୟରେ ଆଲର୍ଜି ଜଣଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ କେବଳ ବିଗାଡ଼ି ଦେଇ ନଥାଏ ବରଂ ଜଣଙ୍କୁ ଅସ୍ତବ୍ୟସ୍ତ ଲାଗିବା ସହ ଆଲର୍ଜି ସମ୍ବନ୍ଧିତ ପରିପାର୍ଶ୍ୱିକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଅନ୍ୟ ଶାରୀରିକ ଜଟିଳତାକୁ ବଢ଼ାଇ ଦେଇଥାଏ। ଏମିତିରେ କହିବାକୁ ଗଲେ ଆଲର୍ଜିକୁ ଅଧିକାଂଶ ଏକ ସାଧାରଣ ବେମାରି ବୋଲି ଭାବି ନେଇଥାନ୍ତି। ମାତ୍ର ବେଳେ ବେଳେ ଏହି ଆଲର୍ଜି ଶରୀରକୁ ଏଭଳି ଭାବରେ କ୍ଷତି ପହଞ୍ଚାଇଥାଏ ଯେ, ସେଥିରୁ ମୁକ୍ତି ପାଇବା ପାଇଁ ମଣିଷକୁ ନାକେଦମ ହେବାକୁ ପଡ଼ିଥାଏ। ତେବେ ଆଲର୍ଜିକୁ ସାମାନ୍ୟତମ ଅବହେଳା କଲେ ପରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ଆଲର୍ଜି କେତେକ ବ୍ୟକ୍ତିଙ୍କ ନିକଟରେ ବାହ୍ୟ ପରିବର୍ତ୍ତନ ଯୋଗୁଁ ହେଉଥିବା ବେଳେ ଆଉ କେତେକଙ୍କ ପାଇଁ ଏହି ସମସ୍ୟା ବଂଶଗତ କାରଣରୁ ଦେଖାଦେଇଥାଏ। ସାଧାରଣତଃ ଆଲର୍ଜି ହେଲେ ଚର୍ମରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଇଥାଏ। ଦେହ କୁଣ୍ଡାଇ ହୋଇଥାଏ। ବେଳେବେଳେ ଶରୀରରେ ବିରିବିରି ହୋଇ ଫଳି ମଧ୍ୟ ଯାଏ। ଏପରିକି ବାରମ୍ବାର କୁଣ୍ଡାଇ ହେବା ଫଳରେ ଶରୀରରେ ଖଣ୍ଡିଆ ହୋଇ ରକ୍ତ ବାହାରିଥାଏ, ଯାହା ବାସ୍ତବରେ ଖୁବ୍ ଯନ୍ତ୍ରଣାଦାୟକ। ବର୍ତ୍ତମାନ ପ୍ରଦୂଷିତ ପରିବେଶ ତଥା ନିର୍ଦ୍ଦିଷ୍ଟ କେତେକ ଜିନିଷପତ୍ର ପ୍ରତିକ୍ରିୟାଶୀଳ ହୋଇ ଅନେକଙ୍କ ଠାରେ ଆଲର୍ଜିର ସମସ୍ୟା ଦେଖାଦେଉଛି। ଆଲର୍ଜି ଠାରୁ ଦୂରେଇ ରହିବା ପାଇଁ ନିମ୍ନରେ ଦର୍ଶାଯାଇଥିବା କେତେକ ଦିଗ ପ୍ରତି ଧ୍ୟାନ ରଖିବା ନିତାନ୍ତ ଜରୁରୀ। ଏହାର କାରଣ ହେଉଛି ବିଶେଷକରି ଋତୁ ପରିବର୍ତ୍ତନରେ ଅନିୟମିତତା, ବଂଶାନୁଗତ କାରଣ, ପ୍ରତିକୂଳ ପରିବେଶ ଯୋଗୁଁ ସାଧାରଣତଃ ଆଲର୍ଜି ଦେଖାଦେଇଥାଏ। ବିଶେଷତଃ ଶୀତଦିନେ ବାୟୁମଣ୍ଡଳର ଶୁଷ୍କତା ଯୋଗୁଁ ଅଧିକାଂଶ ଲୋକଙ୍କର ଚର୍ମ ଆଲର୍ଜି ଦେଖାଯାଇଥାଏ। ଏତଦ୍ ବ୍ୟତୀତ ଧୂଳି, ଧୂଆଁ, ମାଟି ଓ ବେଳେବେଳେ ପୋଷା ଜୀବଙ୍କ ସଂସ୍ପର୍ଶରେ ଆସିଲେ ଆଲର୍ଜି ଭଳି ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ। ସମୟେ ସମୟେ ଏଲୋପାଥିକ ଔଷଧ ପ୍ରଭାବ କିମ୍ବା ବଜାରରେ ବିକ୍ରୟ କରାଯାଉଥିବା କିଛି ପ୍ରସାଧନ ସାମଗ୍ରୀର ବ୍ୟବହାର ଆଲର୍ଜିର କାରଣ ହୋଇଥାଏ।

ଏହାର ଲକ୍ଷଣ ହେଉଛି, ଥଣ୍ଡା ହେବା, ବାରମ୍ବାର ଥଣ୍ଡା ହେବା ଆଲର୍ଜିର ଏକ ମୁଖ୍ୟ ଲକ୍ଷଣ ବୋଲି କୁହାଯାଏ। ଏହି ଆଲର୍ଜି ହେଲେ ନାକ କୁଣ୍ଡାଇ ହେବା, ବାରମ୍ବାର ଛିଙ୍କ ହେବ, ନାକରୁ ପାଣି ଗଳିବା, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ ହୋଇଥାଏ।

ଆଖିର ଆଲର୍ଜି : କୌଣସି କାରଣବଶତଃ ଆଖିରେ ଆଲର୍ଜି ହେଲେ ଆଖି ଲାଲ ପଡ଼ିଯାଏ, ଆଖିରୁ ପାଣି ବୋହିଥାଏ। ଏଥିସହିତ ଆଖି ଭୀଷଣ ପୋଡ଼ାଜଳା ହେବା ସଙ୍ଗେ ସଙ୍ଗେ କୁଣ୍ଡାଇ ହୋଇଥାଏ। ଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ଆଲର୍ଜି : ମଣିଷ ଶରୀରର ପ୍ରମୁଖ ଅଙ୍ଗ ଫୁସ୍ ଫୁସ୍‌ରେ ଆଲର୍ଜି ହେଲେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ। ବାରମ୍ବାର କାଶ ହୋଇଥାଏ। ଏହି ଆଲର୍ଜି ଯଦି ବେଶୀ ଦିନ ଧରି ଲାଗି ରହେ ତେବେ ଶ୍ୱାସ ରୋଗ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ। ଖାଦ୍ୟ ଆଲର୍ଜି : ଖାଦ୍ୟପେୟରେ ଅନିୟମିତତା ବ୍ୟକ୍ତିଙ୍କ ଠାରେ ବିଭିନ୍ନ ପ୍ରକାର ସଂକ୍ରମଣ ଦେଖାଦେଇଥାଏ। ତ୍ୱଚା ଆଲର୍ଜି : ସବୁ ପ୍ରକାର ଆଲର୍ଜି ମଧ୍ୟରେ ତ୍ୱଚା ଆଲର୍ଜି ବିଶେଷ ଯନ୍ତ୍ରଣାଦାୟକ। ବର୍ଷାଦିନେ ଅଧିକାଂଶ ବ୍ୟକ୍ତିଙ୍କ ଠାରେ ତ୍ୱଚା ଆଲର୍ଜି ଦେଖାଯାଇଥାଏ। ଏ ପ୍ରକାର ଆଲର୍ଜି ହେଲେ ଦେହ ବାରମ୍ବାର କୁଣ୍ଡାଇ ହୋଇ ଫଳିଯାଏ। ବାରମ୍ବାର କୁଣ୍ଡାଇ ହେବା ଦ୍ୱାରା ଶରୀରରେ ଖଣ୍ଡିଆ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥାଏ। ସଂପୂର୍ଣ୍ଣ ଶରୀର ଆଲର୍ଜି : ବେଳେବେଳେ ଆଲର୍ଜି ହୋଇ ସଂପୂର୍ଣ୍ଣ ଶରୀରକୁ କ୍ଷତି ପହଞ୍ଚାଇ ଥାଏ। ଏହାଦ୍ୱାରା ବ୍ୟକ୍ତିଟି ଗମ୍ଭୀର ସମସ୍ୟା ଦେଇ ଗତି କରିଥାଏ। ଏଭଳି ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର। ଏଲୋପାଥିକ ଔଷଧ କିଛି ଏଲୋପାଥିକ ଔଷଧ ଯୋଗୁଁ ମଧ୍ୟ ଆଲର୍ଜି ହୋଇଥାଏ। ବେଳେବେଳେ ପେନ୍‌ସିଲିନ୍ ଇଞ୍ଜେକସନର ପ୍ରତିକ୍ରିୟା ଯୋଗୁଁ ଆଲର୍ଜି ହୋଇଥାଏ। ଏଭଳି ଆଲର୍ଜି ଯୋଗୁ ବ୍ୟକ୍ତିକୁ ମୃତ୍ୟୁର ସାମ୍ନା କରିବାକୁ ପଡ଼ିଥାଏ। ଏତଦ୍ ବ୍ୟତୀତ ପେନ୍‌କିଲର ଓ କେତେକ ଆଣ୍ଟିବାୟୋଟିକ ଔଷଧ ମଧ୍ୟ ଆଲର୍ଜିର କାରଣ ହୋଇଥାଏ। ମହୁମାଛି ଓ ବିରୁଡ଼ି କାମୁଡ଼ିବା ଦ୍ୱାରା ମଧ୍ୟ ଆଲର୍ଜି ହୋଇଥାଏ।

ଆଲର୍ଜିର ପ୍ରତିକାର : ଆଲର୍ଜିର ପ୍ରତିକାର ପାଇଁ କିଛି ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। କେଉଁ କାରଣ ଯୋଗୁଁ ଆପଣ ଆଲର୍ଜିର ଶିକାର ହେଉଛନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଘରର ଆଖପାଖ ସଫା ସୁତୁରା ରଖିବାକୁ ଚେଷ୍ଟା କରନ୍ତୁ। ଅଳିଆ ଆବର୍ଜନା ଜମା କରନ୍ତୁ ନାହିଁ। ଘର ଭିତରକୁ ବାହାରର ଖୋଲାପବନ ଯିବାକୁ ଦିଅନ୍ତୁ। ହଠାତ୍ ଥଣ୍ଡା ବାତାବରଣରୁ ଗରମ ବାତାବରଣ ଓ ଗରମ ବାତାବରଣରୁ ଥଣ୍ଡା ବାତାବରଣକୁ ଯାଆନ୍ତୁ ନାହିଁ। ଗାଡ଼ି ଚଳାଉଥିବା ସମୟରେ ମୁହଁରେ ରୁମାଲ ବାନ୍ଧନ୍ତୁ ଓ ଆଖିରେ କଳା ଚଷମା ପିନ୍ଧନ୍ତୁ। ବର୍ଷାଦିନ ହୋଇଥିଲେ ମଧ୍ୟ ବାହାରେ ଲଗାଣ ବର୍ଷା ପାଣିରେ ତିନ୍ତି ଥିଲେ କିମ୍ବା ଅପରିଷ୍କାର ପାଣିର ସଂସ୍ପର୍ଶରେ ଆସିଥିଲେ ଘରକୁ ଆସିବା ପରେ ଭଲ ଭାବେ ପୋଛି ହୁଅନ୍ତୁ। ବର୍ଷାଦିନେ ଆଲର୍ଜିର ବେଶି ସମ୍ଭାବନା ରହୁଥିବାରୁ ଏହି ସମୟରେ ଉଷ୍ମମ ଚିକିତ୍ସାରେ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଥଣ୍ଡା ଜାତୀୟ ଖାଦ୍ୟ ଓ ପାନୀୟ ଠାରୁ ଦୂରେଇ ରୁହନ୍ତୁ, ଏସିର ବ୍ୟବହାର ଆଦୌ କରନ୍ତୁ ନାହିଁ ଏବଂ ବିଶେଷକରି ଧୂଳି ଓ ଧୂଆଁ ଠାରୁ ଯଥା ସମ୍ଭବ ଦୂରେଇ ରହିବା ଭଲ। ଦୈନିକ ବ୍ୟବହାର କରୁଥିବା ତକିଆ ଖୋଳ, ବେଡ଼ସିଟ୍, କମ୍ବଳ ଓ ଚାଦର ଇତ୍ୟାଦିକୁ ସମୟ ସମୟେ ଗରମ ପାଣିରେ ଧୋଇ ଦିଅନ୍ତୁ। ଯେଉଁମାନଙ୍କୁ ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ ଆଲର୍ଜି ରହିଛି ସେମାନେ ସକାଳୁ ଖାଲି ପେଟରେ ୧ ଚାମଚ ପାନ ପତ୍ର ରସ ସହିତ ୨ ଚାମଚ ଅଁଳା ରସ ଓ ୧ଚାମଚ ମହୁକୁ ମିଶ୍ରଣ କରି ଦୈନିକ ସେବନ କଲେ ସମସ୍ୟାରୁ ମୁକ୍ତି ମିଳିଥାଏ। ତ୍ୱଚା ଜନିତ ଆଲର୍ଜିର ଉପଚାର ପାଇଁ ପ୍ରତି ବର୍ଷ ମାର୍ଚ୍ଚ ଓ ଅପ୍ରେଲ ମାସରେ ହେଉଥିବା ନିମ୍ବକଢ଼ ଖାଆନ୍ତୁ। ୧୫ରୁ ୨୦ଟି ନିମ୍ବକଢ଼ ସହିତ କଳାମରିଚ ମିଶାଇ ଚୋବାଇ ଖାଆନ୍ତୁ। ଏତଦ୍‌ବ୍ୟତୀତ ହରିଡା ଖଣ୍ଡ ମଧ୍ୟ ତ୍ୱଚା ପାଇଁ ଅତ୍ୟନ୍ତ ଉପଯୋଗୀ। ଆୟୁର୍ବେଦିକ ଚିକିତ୍ସକଙ୍କ ପରାମର୍ଶରେ ଏହାକୁ ଆପଣ ବ୍ୟବହାର କରିପାରିବେ। ମନେରଖନ୍ତୁ ସମସ୍ତ ଚିକିତ୍ସାଗତ କ୍ଷେତ୍ରରେ ସରକାରୀ ବ୍ୟବସ୍ଥାର ସୁଯୋଗ ନେବା ଜରୁରୀ। ସ୍ୱାସ୍ଥ୍ୟଗତ ସମସ୍ୟା ହେଉ ବା ଆଲର୍ଜି ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ଡାକ୍ତରଖାନା, ବଡ଼ଡାକ୍ତରଖାନାର ଚିକିତ୍ସକ ଓ ଚିକିତ୍ସା ସହାୟକଙ୍କ ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ତୁଟୁକା ବା ଗୁଣିଗାରେଡ଼ି ବିଶ୍ୱାସ ରଖନ୍ତୁ ନାହିଁ।

+କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,
ମୋ : ୮୨୬୦୪୦୮୮୩୬





# ପାର୍ଶ୍ୱପରିବର୍ତ୍ତନୀ ଏକାଦଶୀ

**ଅଜୟ କୁମାର ବେହେରା**

ଭଗବାନ ବିଷ୍ଣୁ ଦେବଶୟନୀ ଏକାଦଶୀରେ ଯୋଗନିଦ୍ରା ଯାଇଥିଲେ। ଦେବପ୍ରବୋଧିନୀ ଏକାଦଶୀରେ ସେ ନିଦ୍ରା ତ୍ୟାଗ କରିବେ। ଏହା ମଧ୍ୟରେ ଭାଦ୍ରବ ମାସ ଶୁକ୍ଲପକ୍ଷରେ ପଡୁଥିବା ପାର୍ଶ୍ୱପରିବର୍ତ୍ତନୀ ଏକାଦଶୀ ଦିନ ଭଗବାନ ବିଷ୍ଣୁ କଡ଼ ଲେଉଟାଇଥାନ୍ତି ବୋଲି ବର୍ଣ୍ଣନା ରହିଛି। ସେଥିପାଇଁ ଏହା ବଡ଼ ଏକାଦଶୀ ମଧ୍ୟରୁ ଅନ୍ୟତମ। ଏହି ଦିନ ବ୍ରତ ଧାରଣ କରି ଭଗବାନ ବିଷ୍ଣୁଙ୍କ ବାମନ ଅବତାର ସହିତ ଦେବୀ ଲକ୍ଷ୍ମୀଙ୍କ ପୂଜା କଲେ ମନୁଷ୍ୟ ବାଜପେୟ ଯଜ୍ଞ ସମାନ ଫଳ ପ୍ରାପ୍ତି କରିଥାଏ ବୋଲି ପଦ୍ମପୁରାଣରେ ବର୍ଣ୍ଣିତ ହୋଇଛି। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ଭଗବାନ ବିଷ୍ଣୁ ବାମନ ଅବତାର ଧାରଣ କରି ଅସୁରରାଜ ବଳୀ ଠାରୁ ତିନ ପାଦ ଭୂମି ମାଗିଥିଲେ। ଶେଷରେ ତାଙ୍କ ମୁଣ୍ଡରେ ପାଦ ଥୋଇ ତାଙ୍କୁ ପାତାଳପୁରରେ ସ୍ଥାପିତ କରିବା ଲାଗି ବାହାରିଥିଲେ। ଏହି ସମୟରେ ବଳି ଭଗବାନ ବାମନଙ୍କ ଠାରୁ ବର ମାଗିଥିଲା। ବିଷ୍ଣୁ ତା'କୁ ବରଦାନ ଦେଇ କହିଥିଲେ ଯେ ସେ ତାର ସହ ପାତାଳ ଲୋକରେ ରହିବେ।

ଏହାପରେ ବଳୀ ସହ ଭଗବାନ ବିଷ୍ଣୁ ପାତାଳ ଲୋକକୁ ଚାଲିଯାଇଥିଲେ। ଦେବୀ ଲକ୍ଷ୍ମୀ ପାତାଳପୁରୀ ଯାଇ ଭଗବାନ ବିଷ୍ଣୁଙ୍କୁ ଉଦ୍ଧାର କରି ଆଣିଥିଲେ। ତେବେ ବଚନ ଦେଇଥିବା ଦୃଷ୍ଟିରୁ ପ୍ରତି ଚର୍ତୁମାସ୍ୟା ସମୟରେ ବିଷ୍ଣୁ ପାତାଳ ଲୋକରେ ଯୋଗ ନିଦ୍ରା ଯାଇଥାନ୍ତି। ଏହି ସମୟରେ ସେ ବାମନ ଅବତାରରେ ଥାଆନ୍ତି। ସେଥିପାଇଁ ପାର୍ଶ୍ୱ ପରିବର୍ତ୍ତନୀ ଏକାଦଶୀରେ ଭଗବାନ ବାମନଙ୍କୁ ପୂଜା କରାଯାଏ। ସମ୍ପୂର୍ଣ୍ଣ ନିଷ୍ଠା ସହ ଏହି ଏକାଦଶୀ ବ୍ରତ ରଖୁଥିବା ବ୍ୟକ୍ତି ପୃଥିବୀ ଲୋକରେ ଯଶ ସମ୍ମାନ ପ୍ରାପ୍ତ କରୁଥିବା ବେଳେ ମୃତ୍ୟୁ ପରେ ଭୋଗିବାକୁ ଥିବା କଷ୍ଟରୁ ମୁକ୍ତ ହୋଇଥାଏ। ବ୍ରତଧାରୀ ମୃତ୍ୟୁ ପରେ ସ୍ୱର୍ଗଲୋକ ପ୍ରାପ୍ତ କରିବା ସହ ସେଠାରେ ଚନ୍ଦ୍ରମା ସମାନ ଚମକିଥାଏ। ଏହି ଏକାଦଶୀ ଦିନ ଚାଉଳ, ଦହି ଏବଂ ରୂପା ଦାନ କରିବାର ବିଧି ରହିଛି। ଏହାଦ୍ୱାରା ଅଶେଷ ପୂଣ୍ୟ ଲାଭ ହୋଇଥାଏ। ଯଦି କୌଣସି କାରଣବଶତଃ ଏକାଦଶୀ ବ୍ରତ ରଖି ନହୁଏ ତାହେଲେ ସେ ଦିନ ଭଗବାନ ବିଷ୍ଣୁଙ୍କ ବିଭିନ୍ନ ଅବତାରର କଥା ପାଠ କରିବା ଉଚିତ। ବିଷ୍ଣୁ ସହସ୍ର ନାମ ଶ୍ରବଣ ଏବଂ ଜପ କରିବା ଉଚିତ। ଏହି ଦିନ ରାମାୟଣ ଶୁଣିବା ମଧ୍ୟ ଉତ୍ତମ ଫଳଦାୟୀ ହୋଇଥାଏ। ଓଡ଼ିଆ ଆଧାତ୍ମିକ ଚେତନାରେ ପାର୍ଶ୍ୱ ପରିବର୍ତ୍ତନୀ ଏକାଦଶୀ ଏକ ପବିତ୍ରତମ ଦିନ। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ସେବା ମୂର୍ତ୍ତି ସ୍ୱାମୀ ଶିବାନନ୍ଦ

**ହେମନ୍ତ କୁମାର ପରିଡ଼ା**

ସାଧୁସନ୍ଥମାନେ ଆମ ସଂସ୍କୃତିର ପ୍ରତ୍ୟକ୍ଷ ପରିଚାୟକ ଓ ମାନବ ଜାତିର ମାର୍ଗ ଦର୍ଶକ। ଜୀବନର ପରିପୂର୍ଣ୍ଣତା ପଥେ ସେମାନଙ୍କ ଆଚରଣ ଓ ଉଚ୍ଚାରଣ ଜନିତ ଆଦର୍ଶବୋଧ ହେଉଛି ସଫଳତାର ଆଧାରଶୀଳା। ଗଙ୍ଗୋତ୍ରୀର ଗଙ୍ଗାଜଳ ଦୀର୍ଘ ପଥ ଅତିକ୍ରମ ପରେ ମଧ୍ୟ ଗଙ୍ଗାସାଗର ଠାରେ ସେହି ଗଙ୍ଗାଜଳ ଭାବେ ଉପଲବ୍ଧ। ସେହିଭଳି ସତ୍ୟଦ୍ରଷ୍ଟା ମୁନିଋଷି ମାନଙ୍କର ଉପଲବ୍ଧ ଜ୍ଞାନ ପରମ୍ପରାକ୍ରମେ ସାଧୁସନ୍ଥ ମାନଙ୍କ ମାଧ୍ୟମରେ ଏବେ ବି ଆମ୍ଭ ମାନଙ୍କୁ ଉପଲବ୍ଧ ସେହିଭଳି ଏ ଯୁଗର ଜଣେ ମହାନ ଅନୁଭବ ସନ୍ଥ ହେଉଛନ୍ତି ଯୁଗ ପୁରୁଷ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ।

ଆଧାତ୍ମ ଆକାଶର ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର ହେଉଛନ୍ତି ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ। ଭାରତୀୟ ସଂସ୍କୃତି ଓ ଦର୍ଶନ ମାଧ୍ୟମରେ ଆଧାତ୍ମିକତାର ପ୍ରଚାର ପ୍ରସାର ପାଇଁ ସେ ତନମନ ଢ଼ାଳି ଦେଇଥିଲେ। ସେ ଯୋଗ ଏବଂ ବେଦାନ୍ତ ଦର୍ଶନର ଜଣେ ପ୍ରମୁଖ ପ୍ରବକ୍ତା। ଋଷିକେଶର ଗଙ୍ଗାକୂଳସ୍ଥ ଆନନ୍ଦ କୁଟୀର ତାଙ୍କର ସାଧନ ପୀଠ। ସେହି ସାଧନ ପୀଠ ଛାଡ଼ି ସେ ଅନ୍ୟତ୍ର କୁଆଡ଼େ ଯାଇନଥିଲେ। ହେଲେ ଆପଣା ସତ ସଂକଳ୍ପ, ନିଷ୍ଠାପର ଉଦ୍ୟମ ଓ କଠୋର ତପସ୍ୟା ଦ୍ୱାରା ସେ ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଥିଲେ। ଆଧାତ୍ମିକ ସାଧନା, ସେବା ଓ ସତସଙ୍ଗର ତ୍ରିଧାରା ସଙ୍ଗମରେ ସେ ତାଙ୍କ ଜୀବନକୁ ଏକ ତୀର୍ଥକ୍ଷେତ୍ରରେ ପରିଣତ କରିଦେଇଥିଲେ। ବିଶ୍ୱର ସମସ୍ତ ଧର୍ମ ଏବଂ ସକଳ ଧର୍ମ ଶାସ୍ତ୍ରର ଜ୍ଞାନ ସାଗର ମନ୍ଥନ କରି ସେ ଯେଉଁ ଅମୃତ ପ୍ରାପ୍ତି କରିଥିଲେ ତାର ସାରାଂଶକୁ ମାତ୍ର ଛଅ ଗୋଟି ଶବ୍ଦରେ ପ୍ରକାଶ କରିଥିଲେ। ସେଗୁଡ଼ିକ ହେଲା - ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ସାକ୍ଷାତକାର। ଏହି ଅମୃତମୟ ଅନୁଭବକୁ ସେ ଆପଣା ଜୀବନରେ ପ୍ରୟୋଗ କରି ନିଜେ ଅମୃତମୟ ହେବା ସହିତ ସମସ୍ତଙ୍କ ପାଇଁ ଅମୃତମୟ ଦିବ୍ୟଜୀବନର ମାର୍ଗ ପ୍ରଦର୍ଶନ କରିଥିଲେ। ଏହି ସମସ୍ତ ସାଧନାକୁ ଆହୁରି ସଂକ୍ଷିପ୍ତ କରି ସେ ମାତ୍ର ଦୁଇଟି ବାକ୍ୟ ଉପରେ ପ୍ରାଧାନ୍ୟ ଦେଉଥିଲେ। ଭଲ ହୁଅ, ଭଲ କର। ଏହା ହିଁ ସମସ୍ତ ସାଧନା ଓ ସଫଳତାର ମୂଳ ଅଟେ। ମାନବ ନିର୍ମାଣ ଓ ଦିବ୍ୟ ଜୀବନର ପ୍ରତିଷ୍ଠା ପାଇଁ ସେ ୧୯୩୬ ମସିହାରେ ଆରମ୍ଭ କରିଥିଲେ ଦିବ୍ୟ ଜୀବନ ସଂଘ। ଏହା ଏବେ ବିଶ୍ୱବ୍ୟାପୀ ଏକ ବିଶାଳ ଅନୁଷ୍ଠାନ।

ଶିବାନନ୍ଦଙ୍କର ପୂର୍ବାଶ୍ରମ ନାମ ଥିଲା କୁପୁସ୍ୱାମୀ। ପିତା ଶ୍ରୀ ପିଏସ ଭେଙ୍ଗୁ ଆୟାର ଓ ମାତା ଶ୍ରୀମତୀ ପାର୍ବତୀ ଅମ୍ମାଲାଙ୍କର କୋଳ ମଣ୍ଡନ କରି ୧୮୮୭ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ଧରା ମଣ୍ଡନ କରିଥିଲେ। ଭାରତର ଅନ୍ୟତମ ପ୍ରଖ୍ୟାତ ସଂସ୍କୃତ ବିଦ୍ୱାନ ଅପେୟା ଦିକ୍ଷିତାରଙ୍କ ବଂଶରେ ତାଙ୍କ ଜନ୍ମ। ଲୋକେ ତାଙ୍କୁ ଶିବଙ୍କ ଅବତାର ବୋଲି ବିଶ୍ୱାସ କରୁଥିଲେ। ପିଲାଟି ଦିନରୁ ଏହି ଦେବ ଶିଶୁ ନିଜର ସ୍ୱତନ୍ତ୍ରତାରେ ସ୍ୱତନ୍ତ୍ର ବୋଧ ହେଉଥିଲେ। ଯେପରି ମେଧାବୀ ସେହିପରି ପ୍ରତିଭାବାନ ଛାତ୍ର ଥିଲେ। ଡାକ୍ତରୀ ବିଦ୍ୟା ପ୍ରତି ତାଙ୍କର ଅହେତୁକ ଆକର୍ଷଣ ଥିଲା। ଛାତ୍ର ଜୀବନରେ ଆମ୍ରୋସିୟା ନାମକ ଏକ ସ୍ୱାସ୍ଥ୍ୟ ପତ୍ରିକା ପ୍ରକାଶ କରି ସେ ବହୁ ପ୍ରସିଦ୍ଧି ପ୍ରାପ୍ତ ହୋଇଥିଲେ। ଡାକ୍ତରୀ ପାଠ ପଢ଼ିଲାବେଳେ ଅନେକ ପ୍ରଫେସରଙ୍କ ଅପେକ୍ଷା ତାଙ୍କର ଜ୍ଞାନ ପରିସୀମା ପ୍ରଖର ଥିଲା ବୋଲି କୁହାଯାଏ। ଡାକ୍ତରୀ ପଢ଼ା ପରେ ମାଳୟ ବର୍ତ୍ତମନର ମାଲୟେସିଆରେ ଡାକ୍ତର ଭାବେ ନିଯୁକ୍ତି ହେଲେ। ନିଯୁକ୍ତିର ପ୍ରଥମ ସାକ୍ଷାତକାରରେ କମ୍ପାନୀ ମାଲିକ ତାଙ୍କୁ ପଚାରିଥିଲେ ଆପଣ କଣ ଏକା ଏହି ଚିକିତ୍ସାଳୟ ଚଳାଇ ପାରିବେ ? ସ୍ୱାମୀଜୀ କହିଥିଲେ - ଏହିଭଳି ଗୋଟିଏ କାହିଁକି ୩ଟା ହସ୍ପିଟାଲ ମୁଁ ଚଳାଇ ପାରିବି। ଜଣେ ଡାକ୍ତର ଭାବେ ସେ ବହୁ ପ୍ରସିଦ୍ଧି ଲାଭ କରିଥିଲେ।

ଜୀବନରେ ଲାଭ କରିଥିବା ସମସ୍ତ ସଫଳତା ଓ ପାର୍ଥିବ ପ୍ରତିଷ୍ଠା ଅଧିକ ଦିନ ତାଙ୍କୁ ଆକୃଷ୍ଟ କରି ରଖିପାରିଲା ନାହିଁ। ଜୀବନର ରହସ୍ୟ ଖୋଜି ଖୋଜି ପରମ ରହସ୍ୟମୟ ପରମାତ୍ମାଙ୍କର ସନ୍ଧାନରେ ଅନ୍ତର୍ମୁଖୀ ହୋଇ ଉଠିଲେ। ମାଳୟ ଛାଡ଼ି ହିମାଳୟ ଚାଲି ଆସିଲେ। ସେହିଠାରେ ପରମହଂସ ବିଶ୍ୱାନନ୍ଦଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ ହୋଇ ୧୯୨୪ ମସିହା ଜୁନ ମାସ ୨୪ ତାରିଖ ଦିନ ସ୍ୱାମୀ ଶିବାନନ୍ଦ ଭାବେ ପରିଚିତ ହେଲେ। ସେ କହୁଥିଲେ ଆତ୍ମ ସାକ୍ଷାତକାର ଜୀବନର ପରମ ଲକ୍ଷ୍ୟ। ସେବା, ପ୍ରେମ, ଦାନ ଓ ଧ୍ୟାନ ଦ୍ୱାରା ଆତ୍ମ ସାକ୍ଷାତକାର ପଥ ସୁଗମ ହୋଇଥାଏ। ସେବା ଓ ଦେବାକୁ ସେ ଜୀବନର ବ୍ରତ ଭାବେ ବାଛି ନେଇଥିଲେ। ଏକଦା ଜଙ୍ଗଲ ମଧ୍ୟରେ ଅବସ୍ଥିତ ଶିବାନନ୍ଦ ଆଶ୍ରମ ସେବା କ୍ଷେତ୍ରରେ ସାରା ବିଶ୍ୱପାଇଁ ପ୍ରେରଣାର ଉତ୍ସ ଥିଲା। ବିଶ୍ୱର ବହୁ ବିଶିଷ୍ଟ ସାଧୁସନ୍ଥ, ମହାନ ଜନନାୟକମାନେ ସେଠାକୁ ଆସିଛନ୍ତି। ଅନେକ ବିଶିଷ୍ଟ ବ୍ୟକ୍ତି ସେହି ମାଟିରୁ ମଣିଷ ହୋଇ ବିଶ୍ୱ ପାଇଁ ଆଲୋକ ବର୍ତ୍ତିକା ହୋଇଛନ୍ତି।

ସ୍ୱାମୀଜୀ ଥିଲେ ମାନବତାର ପ୍ରତୀକ ଜଣେ ମହାନ ମହାତ୍ମା। ଦକ୍ଷିଣ ଭାରତର ଗଙ୍ଗା କୁହାଯାଉଥିବା ତାମ୍ରପର୍ଣ୍ଣୀ ନଦୀ କୂଳରେ ଉଦ୍ଭବ ହୋଇଥିବା ଦିବ୍ୟ ଆଲୋକ ଆପଣା ଦିବ୍ୟ ପ୍ରକାଶ ଓ ପ୍ରଖର ପ୍ରଜ୍ଞାରେ ସାରା ସଂସାରକୁ ପ୍ରକାଶିତ କରିଛି। ଦେବଭୂମି ହିମାଳୟର ପରମ ପାବନୀ ମା ଗଙ୍ଗାକୂଳରେ ୧୯୬୩ ମସିହା ଜୁନ ମାସ ୧୪ ତାରିଖ ଦିନ ସେହି ଦିବ୍ୟ ପ୍ରକାଶର ଇହଲୀଳା ସମାପ୍ତ ହେଲା। ସ୍ୱାମୀ ଶିବାନନ୍ଦଙ୍କୁ ଆଉ ସ୍ୱଶରୀରରେ ଦର୍ଶନ କରି ହେବନାହିଁ। କିନ୍ତୁ ତାଙ୍କ ପବିତ୍ର ପ୍ରକାଶ ଏବେ ବି ସାରା ବିଶ୍ୱକୁ ପ୍ରକାଶ ପ୍ରଦାନ କରୁଛି। ମାର୍ଗ ପ୍ରଦର୍ଶନ କରୁଛି। ଭଲ ହୁଅ- ଭଲ କରର ଆମର ଆହ୍ୱାନ ଏବେ ବି ମାନବ ଜାତିକୁ ପ୍ରବୁଦ୍ଧ କରୁଛି, ପ୍ରେରଣା ଦେଉଛି।

ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦,
ସିଡିଏ, କଟକ,
ମୋ : ୮୭୬୩୧୦୭୧୨୬

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୩ ସେପ୍ଟେମ୍ବର ୨୦୨୫, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତୀୟ ରେଳବାଇର ଆର୍ଥିକ ସଙ୍କଟ ଓ ଭବିଷ୍ୟତ: ଏକ ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣ

ଭାରତୀୟ ରେଳବାଇ କେବଳ ଏକ ପରିବହନ ସାଧନ ନୁହେଁ, ବରଂ ଏହା ଦେଶର ଅର୍ଥନୀତିର ମୁଖ୍ୟ ଆଧାର ଏବଂ ଆର୍ଥିକ ଗତିଶୀଳତାର ପ୍ରମୁଖ ମାଧ୍ୟମ । ଏହାର ସୁରକ୍ଷା, ସୁବିଧା ଏବଂ ଆର୍ଥିକ ସ୍ଥିରତା ଦେଶର ଅଗ୍ରଗତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏବେ ଯାଏଁ ରେଳବାଇର ଯାତ୍ରୀ ସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ, ଆର୍ଥିକ ଦୃଷ୍ଟିରୁ ଏହା ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛି । ରେଳବାଇର ଆର୍ଥିକ ଅବସ୍ଥାକୁ ଭଲ ଭାବରେ ବୁଝିବା ପାଇଁ କେତେକ ପ୍ରମୁଖ ତଥ୍ୟ ଉପସ୍ଥାପନ କରାଯାଇପାରେ । ୨୦୧୫-୧୬ରେ ରେଳବାଇର କାର୍ଯ୍ୟାନୁଷ୍ଠାନିକ କ୍ଷତି ୩୬,୨୮୬ କୋଟି ଟଙ୍କା ଥିବା ବେଳେ, ୨୦୨୧-୨୨ରେ ଏହା ବୃଦ୍ଧି ପାଇ ୬୮,୨୬୯ କୋଟି ଟଙ୍କା ହୋଇଛି । ଏହି ବିପୁଳ କ୍ଷତି ମାଲପରିବହନରୁ ଆୟ ଦ୍ୱାରା ପୂରଣ କରାଯାଉଛି, ଯାହା ଏକ ଅସ୍ଥାୟୀ ଓ ଅସ୍ଥିର ଆର୍ଥିକ ନୀତିର ସୂଚକ।

ଯାତ୍ରୀ ସେବା କ୍ଷେତ୍ରରେ ରେଳବାଇ କେବଳ ୫୭% ଖର୍ଚ୍ଚ ପୂରଣ କରିପାରୁଛି, ଅର୍ଥାତ୍ ପ୍ରତ୍ୟେକ ଟିକେଟରେ ୪୩% କ୍ଷତି ହେଉଛି । ଏହି ଅର୍ଥନୈତିକ ଅସନ୍ତୁଳନ ରେଳବାଇର ବିକାଶ ଓ ଆଧୁନିକୀକରଣରେ ବାଧକ ସାଜୁଛି । ଉଦାହରଣ ସ୍ୱରୂପ, ରେଳବାଇର ଆୟର ୯୮% କାର୍ଯ୍ୟାନୁଷ୍ଠାନିକ ଖର୍ଚ୍ଚରେ ଚାଲିଯାଉଥିବାରୁ, ନୂତନ ପ୍ରକଳ୍ପ, ଟ୍ରାକ୍ ଉନ୍ନତିକରଣ, ଏବଂ ସୁରକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ଅତିରିକ୍ତ ଅର୍ଥର ଅଭାବ ରହିଛି । ଏହି ଆର୍ଥିକ ଦୁର୍ବଳତା ରେଳ ଦୁର୍ଘଟଣାର ଏକ ମୁଖ୍ୟ କାରଣ ଭାବରେ ଚିହ୍ନିତ ହୋଇପାରେ । ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ, ପର୍ଯ୍ୟାପ୍ତ ଆର୍ଥିକ ସଂସ୍କାର ହୋଇପାରିନାହିଁ । ଯାତ୍ରୀଙ୍କଠାରୁ ଆୟର ବିତରଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ୨୦୨୪-୨୫ ମସିହାରେ, ଏସି କୋଚରେ ମାତ୍ର ୫.୨% ଯାତ୍ରୀ ଯାତ୍ରା କରୁଥିଲେ ମଧ୍ୟ, ସେମାନେ ମୋଟ ଯାତ୍ରୀ ଆୟର ୫୪% ଅବଦାନ ରଖୁଛନ୍ତି । ଏହି ତଥ୍ୟ ଦର୍ଶାଏ ଯେ ଉଚ୍ଚ ଶ୍ରେଣୀର ସେବା ରେଳବାଇର ଆର୍ଥିକ ସ୍ଥିରତା ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ। ମାତ୍ର, ଏହି ଆୟ ମଧ୍ୟ ସମୁଦାୟ ଖର୍ଚ୍ଚକୁ ପୂରଣ କରିବାକୁ ସକ୍ଷମ ହେଉନାହିଁ । ଅନ୍ୟ ପକ୍ଷରେ, ସବାର୍ବାନ୍ ରେଳ ସେବାରେ କେବଳ ୩୭% ଖର୍ଚ୍ଚ ପୂରଣ ହୋଇପାରୁଥିବାରୁ, ୨୦୨୧-୨୨ରେ ୮,୩୧୬ କୋଟି ଟଙ୍କା କ୍ଷତି ହୋଇଥିଲା । ସାଧାରଣ ଶ୍ରେଣୀରେ ମଧ୍ୟ କ୍ଷତିର ପରିମାଣ ୧୫,୨୮୨ କୋଟି ଟଙ୍କା ଥିଲା ।

ମାଲପରିବହନରୁ ଆୟ ଉପରେ ଅତ୍ୟଧିକ ନିର୍ଭରଶୀଳତା ମଧ୍ୟ ଏକ ଚିନ୍ତାର ବିଷୟ । ମାଲପରିବହନରୁ ଆୟ ମୋଟ ଆୟର ୬୨% ହୋଇଥିବା ବେଳେ, ରାସ୍ତା ପରିବହନ ସହିତ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରେ ଲାଗିଛି । ୨୦୦୭-୦୮ରେ ମାଲପରିବହନର ବଜାର ଅଂଶ ୩୬% ଥିବା ବେଳେ, ୨୦୨୧-୨୨ରେ ଏହା କମିଯାଇ ୨୬% ହୋଇଛି । ଏଥିସହିତ, ମାଲପରିବହନରୁ ଆୟର ୫୨% କୋଇଲା ପରିବହନରୁ ଆସୁଛି, ଯାହା ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟ ଦୃଷ୍ଟିରୁ ଏକ ଚିନ୍ତାର ବିଷୟ । କାରଣ ଭବିଷ୍ୟତରେ କୋଇଲା ବ୍ୟବହାର ହ୍ରାସ ପାଇବାର ସମ୍ଭାବନା ରହିଛି ।

ରେଳଭଡ଼ା ବୃଦ୍ଧି ନୀତି ମଧ୍ୟ ବିବାଦାସ୍ପଦ ରହିଛି । ଜୁଲାଇ ୧ ତାରିଖରେ କରାଯାଇଥିବା ଭଡ଼ା ବୃଦ୍ଧି ଅତ୍ୟନ୍ତ କମ୍, ଯାହା ରେଳବାଇର ଆର୍ଥିକ ସମସ୍ୟାର ସମାଧାନ କରିପାରିବ ନାହିଁ । ଏସି ସ୍ଲିପର୍ ଶ୍ରେଣୀରେ ମାତ୍ର ୨ ପଇସା ପ୍ରତି କିଲୋମିଟର, ନନ୍-ଏସି ସ୍ଲିପରରେ ୧ ପଇସା, ଏବଂ ସେକେଣ୍ଡ କ୍ଲାସ୍‌ରେ ଅଧା ପଇସା ବୃଦ୍ଧି କରାଯାଇଛି । ମୁଦ୍ରାସ୍ଫୀତିର ହାରକୁ ଧ୍ୟାନରେ ରଖିଲେ ଏହି ଅଳ୍ପ ବୃଦ୍ଧି ପ୍ରାୟ ନଗଣ୍ୟ । ଏହାଛଡ଼ା, ସବାର୍ବାନ୍ ଏବଂ ସାଧାରଣ ଶ୍ରେଣୀର ଭଡ଼ା ଅପରିବର୍ତ୍ତିତ ରଖାଯାଇଛି, ଯାହାକୁ ରାଜନୈତିକ ଲାଭ ପାଇଁ ଏକ ପପୁଲିଷ୍ଟ ନିଷ୍ପତ୍ତି ବୋଲି କୁହାଯାଇପାରେ । ରେଳବାଇର ଋଣ ଭାର ବୃଦ୍ଧି ମଧ୍ୟ ଏକ ଗୁରୁତର ସମସ୍ୟା । ୨୦୧୬-୧୭ରେ ସୁଧ ଖର୍ଚ୍ଚ ୮,୫୯୮ କୋଟି ଟଙ୍କା ଥିବା ବେଳେ, ୨୦୨୫-୨୬ରେ ଏହା ୩୧,୪୩୩ କୋଟି ଟଙ୍କା ହେବାର ଆଶଙ୍କା ରହିଛି । ମୂଳଧନ ଫେରସ୍ତର ପରିମାଣ ମଧ୍ୟ ୭,୦୦୦ କୋଟିରୁ ବୃଦ୍ଧି ପାଇ ୨୭,୯୦୫ କୋଟି ଟଙ୍କା ହେବାର ଆଶଙ୍କା ରହିଛି । ଏହି ଋଣ ଭାର ମୋଟ ଆୟର ୨୦% ହୋଇଯିବ, ଯାହା ଫଳରେ ପୁଞ୍ଜିଗତ ବ୍ୟୟ ପାଇଁ ଅର୍ଥର ଅଭାବ ଦେଖାଦେବ ।

ଏହି ସମସ୍ୟାର ସମାଧାନ ପାଇଁ ଏକ ଯୁକ୍ତିଯୁକ୍ତ ନୀତି ଆବଶ୍ୟକ । ପ୍ରଥମତଃ, ଭଡ଼ା ବୃଦ୍ଧି କ୍ଷୁଦ୍ର କିନ୍ତୁ ନିୟମିତ ହେବା ଆବଶ୍ୟକ, ଯାହା ମୁଦ୍ରାସ୍ଫୀତି ସହିତ ଖାପ ଖାଇପାରିବ । ଦ୍ୱିତୀୟତଃ, ସବାର୍ବାନ୍ ଏବଂ ସାଧାରଣ ଶ୍ରେଣୀରେ ମଧ୍ୟ ଭଡ଼ା ସଂଶୋଧନ ଆବଶ୍ୟକ, କାରଣ ଏହି ସେବାଗୁଡ଼ିକ ମଧ୍ୟ ରେଳବାଇର ଆର୍ଥିକ ଭାରକୁ ବୃଦ୍ଧି କରୁଛନ୍ତି । ତୃତୀୟତଃ, ମାଲପରିବହନରୁ ଆୟ ବୃଦ୍ଧି ପାଇଁ ନୂତନ ଉପାୟ ଖୋଜିବା ଆବଶ୍ୟକ, ଯେପରିକି ଦ୍ରୁତ ଗତିର ମାଲଗାଡ଼ି ସେବା, ଲୋଜିଷ୍ଟିକ୍ସ ସହଯୋଗ, ଏବଂ କୋଇଲା ବ୍ୟତୀତ ଅନ୍ୟ ପଦାର୍ଥର ପରିବହନ ବୃଦ୍ଧି । ଶେଷରେ, ରେଳବାଇକୁ କେବଳ ଏକ ସାମାଜିକ ସେବା ଭାବରେ ନୁହେଁ, ବରଂ ଏକ ଆର୍ଥିକ ସଂସ୍ଥା ଭାବରେ ମଧ୍ୟ ବିଚାର କରାଯିବା ଉଚିତ । ଏହା ଲାଭ କରିବା ଉଦ୍ଦେଶ୍ୟରେ ପରିଚାଳିତ ନ ହେଲେ ମଧ୍ୟ, ନିରନ୍ତର କ୍ଷତି ଦେଶର ଅର୍ଥନୀତି ପାଇଁ ଭୟଙ୍କର ପରିଣାମ ଆଣିପାରେ । ରେଳଯାତ୍ରୀଙ୍କ ସୁରକ୍ଷା, ସୁବିଧା ଏବଂ ସମ୍ମାନ ପାଇଁ ଆଧୁନିକୀକରଣ ଅତ୍ୟାବଶ୍ୟକ, ଯାହା ପାଇଁ ଯଥେଷ୍ଟ ଅର୍ଥର ଆବଶ୍ୟକତା ରହିଛି । ଏହି ଅର୍ଥ ଭଡ଼ା ବୃଦ୍ଧି, ସରକାରୀ ଅନୁଦାନ, ଏବଂ ଉନ୍ନତ ପରିଚାଳନା ମାଧ୍ୟମରେ ଆସିପାରିବ । ଏକ ସୁସ୍ଥ ଓ ସୁରକ୍ଷିତ ରେଳବାଇ ଦେଶର ଅଗ୍ରଗତି ପାଇଁ ଅତ୍ୟାବଶ୍ୟକ, ଏବଂ ଏହା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଏ ।

# କ'ଣ ଶିକ୍ଷକଙ୍କ ସ୍ଥାନ ନେଇପାରିବ ଏଆଇ ?



ଗୋପାଳ ମହାପାତ୍ର

ଆଜିର ଏଆଇ (କୃତ୍ରିମ ମେଧା)ର ଯୁଗରେ ଯେତେବେଳେ ସବୁ କଠିନରୁ କଠିନ ପ୍ରଶ୍ନର ଉତ୍ତର ଚାଟବଟ ନିମିଷେକେ ଦେଇ ପାରୁଛି ସେତେବେଳେ ପିଲାଙ୍କଠାରୁ ଆରମ୍ଭ କରି ଗହନ ଗବେଷଣା କରୁଥିବା ଲୋକଙ୍କର ଗୁଗୁଲ ସର୍ଚ୍ଚ ବା ଏଆଇ ମାଧ୍ୟମରେ ସବୁ ଜିଜ୍ଞାସାର ଉତ୍ତର ପାଇବାର ପ୍ରବୃତ୍ତି ବଢ଼ିବାରେ ଲାଗିଛି। ବିଶ୍ୱର ଅର୍ଦ୍ଧାଧିକ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନେକ ଗବେଷଣା ପାଇଁ ଏଆଇର ସାହାଯ୍ୟ ନିଆଯାଉଛି। ଯେତେବେଳେ ବୈଜ୍ଞାନିକ ଆବିଷ୍କାର, ଡାକ୍ତରୀ ଜ୍ଞାନକୌଶଳ, ରୋଗ ନିର୍ଦ୍ଧାରଣ ଓ ଚିକିତ୍ସା ପାଇଁ ଏଆଇର ବ୍ୟବହାର କରାଯାଉଛି ସେତେବେଳେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଓ ସେମାନଙ୍କୁ ଉତ୍ତମ ଶିକ୍ଷା ଦେବାପାଇଁ ଶିକ୍ଷକ/ଅଧ୍ୟାପକ ମାନଙ୍କର ମଧ୍ୟ ଆବଶ୍ୟକତା ରହିଛି। ଶିକ୍ଷକ/ଅଧ୍ୟାପକଙ୍କ ଆବଶ୍ୟକତା ଆଜିର ନୁହେଁ ପ୍ରାକ୍‌କାଳରୁ ଶିକ୍ଷକ ଙ୍କ ଗୁରୁତ୍ୱ ରହିଛି। ଶିକ୍ଷକ/ଅଧ୍ୟାପକଙ୍କ ପ୍ରସଙ୍ଗରେ ଏବେ ଆଲୋଚନା କରିବାର ଆବଶ୍ୟକତା ଏଇଥିପାଇଁ ହେଉଛି ଯେ ବର୍ତ୍ତମାନ ସମୟରେ ଏଆଇ ଯେ କେବଳ ବିଶେଷଜ୍ଞଙ୍କ ସ୍ଥାନ ନେବ ବା ନେଇପାରିବ ତା ନୁହେଁ ଆଗାମୀ କିଛି ବର୍ଷ ମଧ୍ୟରେ ଏଆଇର ଆବଶ୍ୟକତା ଏତେ ବଢ଼ିଯିବ ଯେ ପାଠ ପଢ଼ାଇବା ପାଇଁ ଶିକ୍ଷକଙ୍କର ଆବଶ୍ୟକ ପଡିବ ନାହିଁ ଓ ଏଆଇ ଶିକ୍ଷାଦାନ ବି କରିପାରିବ ବୋଲି ଆଶଙ୍କା ସୃଷ୍ଟି ହେଲାଣି। କଥା ହେଉଛି ଏସବୁ ଯେତେ ସହଜ ଦେଖାଯାଉଛି ସେତେ ସହଜ ନୁହେଁ। ଅଦ୍ୟାବଧି ଏଆଇ କାରଣରୁ ଶିକ୍ଷକ ପେଷାରେ ଥିବା ଲୋକେ ବେରୋଜଗାର ହେବେ ବୋଲି ସଠିକ୍ ଭାବେ ମଧ୍ୟ କୁହାଯାଇ ପାରିବ ନାହିଁ। ଏହା ଅବସ୍ଥାକୁ ଦେଖି ଆଶଙ୍କା କରାଯାଉଛି। କିନ୍ତୁ ଗୁଗୁଲ ସର୍ଚ୍ଚ ଧିରେ ଧିରେ ୯୦ ପ୍ରତିଶତରୁ ଅଧିକ ବିଶ୍ୱସନୀୟ ହୋଇପାରିଥିବା ବେଳେ ଚାଟବଟ କୁ ନେଇ ଲୋକଙ୍କର ବିଶ୍ୱାସ ବଢ଼ିବାରେ ଲାଗିଛି। ଚାଟବଟ ମଣିଷ ଭଳି ଲୋକଙ୍କ ଜିଜ୍ଞାସା ର ସଠିକ୍ ଉତ୍ତର ଦେବାରେ ସମର୍ଥ ହୋଇଛି। ଏହି ଚାଟବଟର ନୂଆ ରପରେ ଏବେ ବଜାରକୁ ଆସିଛି ଏଆଇ ଓ ସବୁ କାମ ସଠିକ୍ ତଥ୍ୟାତ୍ମକ ଢ଼ଙ୍ଗରେ କରି ପାରୁଛି ଯାହା ମଣିଷ କରିପାରେ। ଏଣୁ ଏସବୁ ଦୃଷ୍ଟିରୁ ଭବିଷ୍ୟବାଣୀ କରାଯାଉଛି ଯେ ଆଗାମୀ ଦିନରେ ହୁଏତ ଶିକ୍ଷକ/ଅଧ୍ୟାପକଙ୍କର ଆବଶ୍ୟକତା ପଡିନପାରେ। ପ୍ରକୃତ ପକ୍ଷେ ଶିକ୍ଷକ/ଅଧ୍ୟାପକଙ୍କ ଭୂମିକା କେବଳ ପାଠପଢ଼ା ବା ଜ୍ଞାନ ପ୍ରଦାନରେ ସୀମିତ ନୁହେଁ। ପ୍ରଥମେ ବହିଛପା ହେଲା, ରେଡିଓ ଆବିଷ୍କାର ହେବା ପରେ ରେଡିଓରେ ଶିକ୍ଷାକୁ ନେଇ ଅନେକ କାର୍ଯ୍ୟକ୍ରମ ପ୍ରସାରିତ ହେଲା। ପରବର୍ତ୍ତୀ ପର୍ଯ୍ୟାୟରେ ଟେଲିଭିଜନ ଆସିଲା ଓ ବିଶେଷଜ୍ଞ ମାନେ ସେମାନଙ୍କର ବିଚାର ସାର୍ବଜନୀନ କରିପାରିଲେ। ଯେତେବେଳେ ଇଣ୍ଟରନେଟର ବ୍ୟବହାର ବଢ଼ିଲା ସେତେବେଳେ ସାରାଦୁନିଆର ଜ୍ଞାନର ଏକ ବ୍ୟବସ୍ଥିତ ସ୍ରୋତ ସୃଷ୍ଟି ହେଲା କିନ୍ତୁ ଶିକ୍ଷକ/ଅଧ୍ୟାପକଙ୍କ ଆବଶ୍ୟକତା କମିଲା ନାହିଁ ବରଂ ବଢ଼ିଲା।

ଏବେ ଏଆଇ (କୃତ୍ରିମ ମେଧା)ର ଆବିଷ୍କାର ହେଲା। ଏହି ଏଆଇର ବିସ୍ତାରିତ ଆବିଷ୍କାରର ଜନ୍ମ ନେଲା ଚାଟେବଟ ଯାହା ଶିକ୍ଷକ/ଅଧ୍ୟାପକଙ୍କ ଆବଶ୍ୟକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିନ୍ତୁ ଏହି ପ୍ରଶ୍ନ ବା ଆନ୍ୟ ଅର୍ଥରେ ଆଶଙ୍କା କେବଳ ତତ୍କାଳୀକ ବୋଲି କୁହାଯାଇପାରେ। ଏ କଥା ମଧ୍ୟ ସତ୍ୟ ଯେ ଯେତେବେଳେ ଚାଟବଟ ର ଅନୁଭବ ପୁରୁଣା ହୋଇଯିବ ସେତେବେଳେ ହିଁ ଆମକୁ ଜଣାପଡିବ ଯେ ଏ ଆଇ ହେଉ ବା ଅନ୍ୟ ଆବିଷ୍କାର ହେଉ ଏମାନେ ବାସ୍ତବରେ ଶିକ୍ଷକ/ଅଧ୍ୟାପକଙ୍କ ସ୍ଥାନ ନେଇ ପାରିବେ ନାହିଁ। କାରଣ ଶିକ୍ଷକ/ଅଧ୍ୟାପକ ମେଶିନର ଅନ୍ଦାଜରେ ଛାତ୍ରଙ୍କୁ ଜ୍ଞାନ ଦେଇ ନଥାନ୍ତି, ସେମାନଙ୍କର ଭୂମିକା ଏହାର ବହୁ ଉର୍ଦ୍ଧ୍ୱରେ। ଶିକ୍ଷକ/ଅଧ୍ୟାପକ କେବଳ ଶିକ୍ଷାଦାନ କରି ନଥାନ୍ତି ଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥାନ୍ତି। ଛାତ୍ରଛାତ୍ରୀଙ୍କ ପ୍ରେରଣାର ସ୍ରୋତ ହେଉଛନ୍ତି ଶିକ୍ଷକ/ଅଧ୍ୟାପକ। ଶିକ୍ଷକ/ଅଧ୍ୟାପକ ଛାତ୍ରଛାତ୍ରୀଙ୍କ ମୂଳଦୁଆ ଗଢ଼ିଥାନ୍ତି ଏବଂ ସେମାନଙ୍କ ଏକୀକୃତ ବ୍ୟକ୍ତିତ୍ୱର ସଂରକ୍ଷକ ମଧ୍ୟ ହୋଇଥାନ୍ତି। ଏଣୁ ଏଭଳି ଜଟିଳ ଭୂମିକା କୌଣସି ବୈଜ୍ଞାନିକ ଆବିଷ୍କାର କରିପାରିବେ ନାହିଁ। ଏଣୁ ଉନ୍ନତରୁ ଉନ୍ନତ ଚାଟବାଟ ର ଯୁଗରେ ମଧ୍ୟ ଶିକ୍ଷକ/ଅଧ୍ୟାପକଙ୍କ ଗୁରୁତ୍ୱ ରହିବ ଏବଂ ଏମାନେ ଅଧିକ ପ୍ରାସଙ୍ଗିକ ହେବେ। ଏଆଇ ର ବଡ ଶକ୍ତି ହେଉଛି ତାର ତୀବ୍ରତା। କୌଣସି ପିଲା ଯେତେବେଳେ ଚାହିଁଲେ ଚାଟବଟ ମାଧ୍ୟମରେ ଗଣିତର ଉତ୍ତର ପାଇପାରୁଛନ୍ତି, କୌଣସି ଐତିହାସିକ ଘଟଣା ବାବଦରେ ଜାଣିପାରୁଛି। ଏପରିକି ବିଜ୍ଞାନର ଜଟିଳଠୁ କଥା ମଧ୍ୟ ବୁଝିପାରୁଛି। ଏଦୃଷ୍ଟିରୁ ଏଆଇ ଏକ ପ୍ରକାର ଶିକ୍ଷକ/ଅଧ୍ୟାପକଙ୍କ କାମ କରିପାରୁଥିଲେ ମଧ୍ୟ ଏଆଇ କୌଣସି ଛାତ୍ରର ହୃଦୟ ବଦଳାଇ ପାରିବ ନାହିଁ, ତାକୁ ପ୍ରୋତ୍ସାହିତ କରି ପାରିବ ନାହିଁ କିମ୍ବା ତାକୁ ପ୍ରଭାବିତ କରିପାରିବ ନାହିଁ। ଏହି ଅର୍ଥରେ ଦେଖିଲେ ଶିକ୍ଷକ/ଅଧ୍ୟାପକଙ୍କ ଭୂମିକା ଏଆଇ ଠାରୁ ଉର୍ଦ୍ଧ୍ୱରେ। କାରଣ ଶିକ୍ଷାର ପ୍ରକୃତ ଉଦେଶ୍ୟ କେବଳ ପ୍ରଶ୍ନର ଉତ୍ତର ପାଇବା ନୁହେଁ ବରଂ ଛାତ୍ର ଛାତ୍ରୀଙ୍କୁ ଚିନ୍ତା କରିବା, ବୁଝିବା, ଘଟଣାର ବିଶ୍ଳେଷଣ କରିବାର କୁଶଳତାକୁ ବିକଶିତ କରିବା ହେଉଛି ଶିକ୍ଷାର ଉଦେଶ୍ୟ। ଏହି କାର୍ଯ୍ୟ କେବଳ ଶିକ୍ଷକ/ଅଧ୍ୟାପକ ମାନେ କରିପାରିବେ। ଏସବୁପରେ ସବୁଠାରୁ ବଡ କଥା ହେଉଛି ଏଆଇ ର ଚ୍ୟାଲେଞ୍ଜକୁ ସାମନା କରିବା ପାଇଁ ଶିକ୍ଷକ/ଅଧ୍ୟାପକ ମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡିବ।

ରାମଚନ୍ଦ୍ରପୁର, ରଣପୁର

ମୋ: ୯୪୩୮୪୮୫୦୯୪

# ଆମେରିକା ପକେଇଲା ଭାରତ ଉପରେ ଟିକସ ବୋମା



କାଳୀ ଦାସ

ସମଗ୍ର ବିଶ୍ୱରେ ବିଶେଷତଃ ଭାରତରେ ଆମେରିକା ଦ୍ୱାରା ଲଗାଇ ଯାଇଥିବା ଟାରିଫର ଚର୍ଚ୍ଚା ଚାଲିଛି। ଆମେରିକା ଦ୍ୱାରା ଲଗାଯାଇଥିବା ଟାରିଫରେ ସବୁଠାରେ ବଡ଼ କ୍ଷତିଗ୍ରସ୍ତ ହୋଇଛି ଭାରତ। ଭାରତ ଉପରେ ଆମେରିକାର ରାଷ୍ଟ୍ରପତି ୫୦% ଟାରିଫ ଲଗାଇଛନ୍ତି। ଭାରତରୁ ଆମେରିକାକୁ ରପ୍ତାନୀ ହେଉଥିବା ଜିନିଷ ପତ୍ର ପାଇଁ ଭାରତ ୫୦% ଟାରିଫ ଦେବ।

ଏହି ମୂଲ୍ୟ ଦେବା ଦ୍ୱାରା ଭାରତରୁ ଯାଉଥିବା ଜିନିଷର ମୂଲ୍ୟ ଆମେରିକାରେ ବଢିଯିବ, ତା ସହିତ ଭାରତ ଯଦି ଏହି ଟାରିଫ ଦିଏ ତାହେଲେ ତାକୁ କୌଣସି ପ୍ରକାର ଲାଭ ହେବନାହି। ବର୍ଷ ବର୍ଷ ଧରି ଯେଉଁ କମ୍ପାନୀ ମାନେ ଆମେରିକାକୁ ଜିନିଷ ପଠାଉଥିଲେ ସେମାନେ କ୍ଷତିଗ୍ରସ୍ତ ହେବେ। ଅନେକ କମ୍ପାନୀ ବନ୍ଦ ହୋଇଯିବେ ଏବଂ କମ୍ପାନୀ ବନ୍ଦ ହୋଇ ଗଲେ ଦେଶରେ ଚାକିରୀ ସମସ୍ୟା ଦେଖାଯିବ। ଆମେରିକା ରାଷ୍ଟ୍ରପତି ଭାରତର ରାଜନୀତି ଏବଂ ସାମାଜିକ ଜୀବନକୁ ଅସ୍ତବ୍ୟସ୍ତ କରିବା ଉଦ୍ଦେଶ୍ୟ ରେ ଏହି ଟାରିଫ ବା ଟିକସକୁ ଭାରତ ଉପରେ ଥୋପି ଛନ୍ତି। ପାକିସ୍ଥାନ ଲୁଚିଛପି ଟେରୋରିଷ୍ଟ ଏଟେକ କରୁଥିଲା ବେଳେ ଆମେରିକାର ଏହି ଟାରିଫ ହେଉଛି ଭାରତ ପାଇଁ ଏକ ଏଟେକ।

ଆମ ଦେଶର ରାଜନେତା ମାନେ ନିଜର ସମୟ ଏବଂ ନିଜର ଶକ୍ତିକୁ କେବଳ ନିର୍ବାଚନ ରେ କିପରି ଜିତିବେ ସେଥିପାଇଁ କୁ ନିୟୋଜିତ ନକରି ଦେଶ କେମିତି ଆଗକୁ ବଢିବ। ଦେଶର ସମସ୍ୟା କିପରି ଦୂର ହେବ ସେଥିପାଇଁ ଯଦି ଦୃଷ୍ଟି ଦେଇଥାନ୍ତେ ତାହେଲେ ଆଜି ଆମେରିକାର ଏହି ବ୍ଲାକ ମେଲିଂ ପାଇଁ ପୁରା ଦେଶ ହନ୍ତସନ୍ତ ହୋଇ ନଥାନ୍ତା। ଆମେରିକା ଭାରତକୁ ସମସ୍ୟା ଭିତରକୁ ଠେଲି ଦେବା ପାଇଁ ଅନେକ ଥର ଚେଷ୍ଟା କରିଛି। ବର୍ତ୍ତମାନର ରଷିଆ ଏବଂ ୟୁକ୍ରେନ ଓ୍ୱାରକୁ ନେଇ ଆମେରିକାର ଭାରତ ଉପରେ ଟାରିଫ ଲଗାଯଇଛି ବୋଲି ଟ୍ରମ୍ପ ଦ୍ୱାରା କୁହାଯାଉଛି । ଭାରତ ରଷିଆ ଠାରୁ ପ୍ରାୟ ୧୮ ଠୁ ୨୦% କୁଡ ତେଲ କିଣି ଥାଏ। ରଷିଆ ଭାରତ କୁ କ୍ରୁଡ଼ ତେଲ ବା ପେଟ୍ରୋଲରେ ସବସିଡି ଦେଇଥାଏ ତେଣୁ ଭାରତ ତାର ସାଧାରଣ ଲୋକଙ୍କର ସୁବିଧାକୁ ଆଖିରେ ରଖି ରଷିଆ ଠାରୁ ତେଲ ବା ପେଟ୍ରୋଲ କିଣେ। ୧୯୭୧ ବାଙ୍ଗଲାଦେଶର ସ୍ୱାଧୀନତା ସଂଗ୍ରାମ ବେଳେ ଭାରତ ବାଙ୍ଗଲାଦେଶ ସହିତ ଠିଆ ହୋଇଥିଲା। ସେତେବେଳେ ଭାରତକୁ ସାହାଯ୍ୟ କରିବ ପାଇଁ ହାତ ବଢ଼ାଇଥିଲେ ରଷିଆ। ଭାରତ ବିରୁଦ୍ଧ ରେ ଆମେରିକା ଓ ବ୍ରିଟେନର ନୌସେନା ଠିଆ ହେବାବେଳେ ଭାରତ ମହାସାଗରରେ ରୁଷିଆର ନୌ ଜାହାଜ ଆମେରିକାର ନୌବାହିନୀର ଉପସ୍ଥିତିକୁ ମୁକାବିଲା କରିବା ପାଇଁ ଆଗେଇ ଆସିଥିଲା। କୁଟନୈତିକ ସମର୍ଥନ ଭାରତକୁ ସବୁବେଳେ ରଷିଆଠାରୁ ମିଳିଛି। ଆମେରିକା ଓ ବ୍ରିଟେନର ସମର୍ଥନ ପାକିସ୍ଥାନ ପାଇଁ ରହିଥିଲା।

ଆଜି ମଧ୍ୟ ପେହେଲଗାଁ ଆତଙ୍କବାଦ ଘଟଣାର ମହା ନାୟକ ପାକିସ୍ଥାନର ସେନାଧ୍ୟକ୍ଷ ମୁନିରଙ୍କୁ ଆମେରିକାର ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ ଅତିଥି ସତ୍କାର କରିଛନ୍ତି। ଭାରତ ଉପରେ ୫୦% ଟାରିଫ ଘୋଷଣା କରିବା ପଛରେ ରଷିଆ ଓ ୟୁକ୍ରେନ ଯୁଦ୍ଧକୁ କାରଣ ଦର୍ଶାଇଛନ୍ତି।

ଟ୍ରମ୍ପଙ୍କ ମତରେ ଭାରତ ରଷିଆଠାରୁ ପେଟ୍ରୋଲ କିଣିବାରୁ ରଷିଆ ପଇସା ପାଇଛି ଏବଂ ଏହି ଅର୍ଥ ରଷିଆ ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧରେ ଲଗାଇଛି। ଆମେରିକାର ଏହି ଯୁକ୍ତି କିପରି ଯଥାର୍ଥ ତାହା ବୁଝିହୋଇ ପାରୁନି। ରଷିଆ ଗୋଟିଏ ସମ୍ପୂର୍ଣ୍ଣ ରାଷ୍ଟ୍ର। ୟୁକ୍ରେନ ଦିନେ ରଷିଆର ଅଙ୍ଗ ଥିଲା । ଆଜି ଯଦି ୟୁକ୍ରେନ ଓ ରଷିଆ ଯୁଦ୍ଧରତ ସେଥିପାଇଁ ଭାରତ ନୁହେଁ ବରଂ ଅନ୍ୟ ପାଶ୍ଚାତ୍ୟ ଦେଶ ଏବଂ ଆମେରିକା ଦାଇ।

ୟୁକ୍ରେନକୁ ରଷିଆ ବିରୁଦ୍ଧରେ ଠିଆ କରାଇବା ପଛରେ ଏବଂ ୟୁକ୍ରେନକୁ ନାଟୋର ମେମ୍ବର କରିବାକୁ ପ୍ରଲୋଭନ ଦେଇ ଏହି ଦେଶମାନେ ୟୁକ୍ରେନ ଏବଂ ରଷିଆ ଭିତରେ ତିକ୍ତତା ସୃଷ୍ଟି କରିଛନ୍ତି।

ଯେଉଁ ଦେଶମାନେ ୟୁକ୍ରେନକୁ ନାଟୋର ସଦସ୍ୟତା ଦେବାପାଇଁ ପ୍ରତିବଦ୍ଧ ଥିଲେ ସେହି ଦେଶମାନେ ଆଜିଯାଏଁ କାହିଁକି ନାଟୋର ମେମ୍ବର ବା ସଦସ୍ୟ ୟୁକ୍ରେନକୁ କରି ନାହାନ୍ତି। ଜଣେ ନାଟୋର ସଦସ୍ୟ ଯେଉଁ ସବୁ ସୁବିଧା ପାଇବା କଥା ସେ ସବୁରୁ ୟୁକ୍ରେନ ବଞ୍ଚିତ କାହିଁକି।

ଟ୍ରମ୍ପ ୟୁକ୍ରେନ ପ୍ରେସିଡେଣ୍ଟ ଜେଲେନସକିଙ୍କୁ ତାଙ୍କ ଡ୍ରେସ୍ କୋଡ଼ ଉପରେ ଆକ୍ଷେପ କରିବା ଆମେରିକା ୟୁକ୍ରେନକୁ କୌଣସି ସାହାଯ୍ୟ କରିବ ନାହିଁ କହିବା କେତେଦୂର ଯଥାର୍ଥ। ଆଜି ୟୁକ୍ରେନରେ ଯେଉଁ ନରସଂହାର ଚାଲିଛି କିମ୍ବା ୟୁକ୍ରେନ ରେ ଯେଉଁ ଯୁଦ୍ଧର ବିଭୀଷିକା ଚାଲିଛି ସେଥିପାଇଁ ଭାରତ ଦାୟୀ ନୁହେଁ। ଭାରତ ଶାନ୍ତିର ପ୍ରଚାରକ ଯୁଦ୍ଧର ନୁହେଁ। ଭାରତ ମାଟି କି ବିଦେଶି ମାନେ ଆସିଛନ୍ତି ବନ୍ଧୁତାର ମୁଖା ପିନ୍ଧି ତାପରେ ତାକୁ ଲୁଣ୍ଠନ କରିଛନ୍ତି। ଭାରତୀୟଙ୍କ ଉପରେ ଅତ୍ୟାଚାର କରିଛନ୍ତି। ଆଜି ଭାରତ ମୁଣ୍ଡା ଉଠାଇ ଠିଆ ହେବାକୁ ଚେଷ୍ଟା କଲା ବେଳେ ପୁଣି ଭାରତ ଉପରେ ଆକ୍ରମଣ କାହିଁକି ? ଦୀର୍ଘ ଦିନ ଧରି ୟୁକ୍ରେନ ଓ ରଷିଆ ଭିତରେ ଯୁଦ୍ଧ ଚାଲିଛି। ଏହା ପୂର୍ବରୁ ଆମେରିକାର ପ୍ରଶାସନ କେବେହେଲେ ଏଧରଣର ଆରୋପ ଭାରତ ଭୂପରେ ଲଗାଇନଥିଲା ତେବେ ଆଜି କାହିଁକି ୫୦% ଟାରିଫ ଭାରତ ଉପରେ।

# ସଂସଦର ମହତ୍ୱ ବଜାୟ ରହୁ



ସୌଭାଗ୍ୟ ରଂଜନ ମହାନ୍ତି

ଗଲା ୨୪ତାରିଖ ଦିନ ନୂଆଦିଲ୍ଲୀରେ ଅନୁଷ୍ଠିତ 'ଅଲ ଇଣ୍ଡିଆ ସ୍ପିକରର୍ସ କନ୍‌ଫରେନସ୍'ରେ ଉଦ୍‌ବୋଧନ ଦେବା ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଲୋକପ୍ରତିନିଧିମାନଙ୍କୁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ମନେ ହୁଏ। ପାର୍ଲିଆମେଂଟ ଓ ବିଧାନସଭା କ୍ରମାଗତ ହଟ୍ଟଗୋଳ ଯୋଗୁଁ ଏବେ ଏକ ପ୍ରକାର ଅଚଳ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କହିଛନ୍ତି ଯେ, ଗଣତନ୍ତ୍ରର ପବିତ୍ର ମନ୍ଦିର ପାର୍ଲିଆମେଂଟ ଓ ବିଧାନସଭା ହେଉଛି ବିତର୍କର କ୍ଷେତ୍ର। ବିତର୍କ ନିଶ୍ଚିତ ଭାବେ ସ୍ଥାନ ପାଇବା ଉଚିତ। ବିତର୍କ ବାହାରେ ଅନ୍ୟ ବିତର୍କର ସ୍ଥାନ ନାହିଁ। ମାତ୍ର ଯେତେବେଳେ ଏହି ସ୍ୱତଃସିଦ୍ଧ ବା ସତ୍ୟତା ବାହାରକୁ ଚାଲିଯାଏ, ସେତେବେଳେ ଭାରତର ଲୋକପ୍ରତିନିଧିମୂଳକ ଗଣତନ୍ତ୍ର ନୈରାଶ୍ୟ ଆଣି ଦେଇଥାଏ। ସଂସଦୀୟ ଗଣତନ୍ତ୍ରର ଧାରା ଏବେ ନୈରାଶ୍ୟରେ ପରିଣତ ହୋଇଛି। ସରକାରୀ ଓ ବିରୋଧି ଦଳ ମଧ୍ୟରେ କ୍ରମାଗତ ତିକ୍ତତା, ବିତର୍କ, ଆଲୋଚନାର ସୁଯୋଗକୁ କେବଳ ଧୂଳିସାତ କରୁନାହିଁ, ପାର୍ଲିଆମେଂଟ ଏବଂ ବିଧାନସଭାକୁ ଏକ ସମାଲୋଚନା, ଆକ୍ଷେପ ପ୍ରତିଆକ୍ଷେପ ଏବଂ ସର୍ବୋପରି ଗାଳି ବର୍ଷଣର କ୍ଷେତ୍ରରେ ପରିଣତ କରିଦେଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ପାର୍ଲିଆମେଂଟର ବର୍ଷାକାଳୀନ ଅଧିବେଶନ ଶେଷ ହୋଇଛି। କିନ୍ତୁ ଅଧିବେଶନର ଫଳପ୍ରଦତା ନେଇ ପାର୍ଲିଆମେଂଟ ସଚିବାଳୟରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି, ତାହା ଅତ୍ୟନ୍ତ ନୈରାଶ୍ୟଜନକ। ବିହାରରେ ଭୋଟର ତାଲିକା ଯାଂଚ ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଚାଲିଥିବା ସ୍ପେଶିଆଲ ଇଟେଂନସିଭ୍ ରିଭିଜନ (ଏସଆଇଆର) ଉପରେ ସଂସଦରେ ବିତର୍କ ଦାବି ନେଇ ବିରୋଧି ଦଳର ହଟ୍ଟଗୋଳ ଉଭୟ ଗୃହକୁ ବାରମ୍ବାର ମୁଲତବି ରଖିବାକୁ ବାଧ କରିଥିଲା। ଯାହାର ପରିଣତି ସ୍ୱରୂପ ଉଭୟ ଲୋକସେଭା ଓ ରାଜ୍ୟସଭାର ବହୁ ମୂଲ୍ୟବାନ ସମୟ ନଷ୍ଟ ହୋଇଥିବାବେଳେ କୌଣସି ବିତର୍କ କିମ୍ବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକମ ହୋଇପାରିନାହିଁ। ବର୍ଷାକଳୀନ ଅଧିବେଶନରେ ବିନା ବିତର୍କରେ ୧୫ଟି ବିଲ୍ ଗୃହୀତ ହୋଇଥିଲା। ପିଆରଏସ ଲେଜିସଲେଟିଭ ରିସର୍ଚ୍ଚ ଆନାଲିସସ୍ ଅନୁଯାୟୀ ସ୍ଥିରିକୃତ ସମୟ ମଧ୍ୟରୁ ଲୋକସଭା ମାତ୍ର ୨୯ ପ୍ରତିଶତ କାର୍ଯ୍ୟ କରିଥିବାବେଳେ ରାଜ୍ୟସଭା ୩୪ ପ୍ରତିଶତ ଫଳପ୍ରଦ ହୋଇଛି। ଯାହାକି ଅଷ୍ଟାଦଶ ଲୋକସଭାରେ ସବୁଠାରୁ ସର୍ବନିମ୍ନ ବୋଲି କୁହାଯାଇଛି। କ୍ରମାଗତ ମୁଲତବି ଯୋଗୁଁ ଗୃହର ଦୁଇ ତୃତୀୟାଂଶ ସମୟ ନଷ୍ଟ ହୋଇଛି। ସେହିପରି ଲୋକସଭାରେ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ମାତ୍ର ୮ ପ୍ରତିଶତ ତାରକା ଚିହ୍ନିତ ପ୍ରଶ୍ନର ମୌଖିକ ଉତର ମିଳିଥିବାବେଳେ ରାଜ୍ୟ ସଭାରେ ଏହା ୫ ପ୍ରତିଶତ ଥିଲା। ୨୧ଟି କାର୍ଯ୍ୟଦିବସ ମଧ୍ୟରୁ ରାଜ୍ୟସଭାରେ ୧୨ଦିନ ଏବଂ ଲୋକସଭାରେ ୭ଦିନ କୌଣସି ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇପାରିନାହିଁ। ସରକାର ବା କାର୍ଯ୍ୟପାଳିକାକୁ ଉତରଦାୟୀ କରିବା ପାଇଁ ସଂସଦୀୟ ଗଣତନ୍ତ୍ରରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ସତ୍ୟ ଯେ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନଙ୍କ ଉପରେ ସମସ୍ତ କ୍ଷମତା ଠୁଳ ବିଧାନପାଳିକା ସ୍ୱାଭିବକ ଭାବେ କାର୍ଯ୍ୟ କରିବା ବିଫଳତାର ଏକ କାରଣ ବୋଲି ନିସନ୍ଦେହରେ କୁହାଯାଇପାରେ। ପିଆରଏସ ଲେଜିସଲେଟିଭ୍ ରିସର୍ଚ୍ଚ ଦ୍ୱାରା ପ୍ରସ୍ତୁତ ୨୦୨୪ ରାଜ୍ୟ ଆଇନର ବାର୍ଷିକ ରିଭ୍ୟୁ ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ରେ ରାଜ୍ୟ ବିଧାନସଭାଗୁଡିକ ହାରାହାରି ୨୦ଦିନ ଅନୁଷ୍ଠିତ ହୋଇଥିଲା। ୨୦୧୭ରେ ଏହା ୨୮ଦିନ ଥିଲା। ରାଜ୍ୟ ବିଧାନସଭାଗୁଡିକର ବାର୍ଷିକ ବୈଠକ ହାରାହାରି ୬୦ ଦିନ ଅନୁଷ୍ଠିତ ପାଇଁ ବାଧ୍ୟତାମୂଳକ ଥିବା ବେଳେ ହଟ୍ଟଗୋଳ ଯୋଗୁଁ ଏବେ ଏହା ହ୍ରାସ ପାଇ ଚାଲିଛି। ଉତରପ୍ରଦେଶ ଓ ମଧ୍ୟପ୍ରଦେଶ ପରି ବଡ ବଡ ରାଜ୍ୟରେ କେବଳ ୧୬ଦିନ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଓଡିଶାରେ ୪୨ଦିନ ଏବଂ କେରଳରେ ୩୮ଦିନ ବୈଠକ ବସିଥିଲା। ଓଡିଶା ଓ କେରଳରେ ସ୍ୱଳ୍ପ ବିତର୍କ ସହ ମାତ୍ର ଅର୍ଦ୍ଧେକ ବିଲ୍ ଗୃହିତ ହୋଇଥିଲା। ସେହିପରି ୮ଟି ରାଜ୍ୟ ବିଧାନସଭାରେ ଉପ-ବାଚସ୍ପତି ନଥିବାବେଳେ ଗତ ୨୦୧୯ ଲୋକସଭାରେ ଉପ-ବାଚସ୍ପତି ପଦବୀ ଖାଲି କଡିଛି। ସେହିପରି ସଂସଦୀୟ ଗଣତନ୍ତ୍ରରେ ସଂସଦୀୟ ଷ୍ଟାଣ୍ଡିଂ କମିଟିଗୁଡିକ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଶାସକ ଓ ବିରୋଧିଦଳ ସଦସ୍ୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ଯୋଗୁଁ ଏହି କମିଟ ମଧ୍ୟ କ୍ରମଶଃ ଗୁରୁତ୍ୱ ହରାଉଛି। ଏହା ନିସନ୍ଦେହ ଯେ, ସଂସଦୀୟ ଗଣତନ୍ତ୍ରରେ କ୍ରମାଗତ ହଟ୍ଟଗୋଳ କେବଳ ଗୃହର ନୁହେଁ ସଦସ୍ୟମାନଙ୍କର ମର୍ଯ୍ୟଦା ହାନୀ ଘଟାଉଛି।

+ସମ୍ମାନ ଭବନ,

ପ୍ଲଟ ନଂ-୫୮/୩୫୮୧,

ଗାଙ୍ଗୋତ୍ରୀ ନଗର,

ରୋଡ ନଂ-୩, ଶିଶୁପାଳଗଡ,-

୭୫୧୦୦୨

ମୋ: ୭୯୭୮୬୬୬୪୦୩

## କବିତା କୋଣାର୍କ

## ଦୁଃଖ ଦେଏ ନାହିଁ ଏତେ



ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ସୁଖ ଯଦି ମୋର କପାଳେ ଲେଖିନୁ
ମାଗୁଣି କାହିଁକି କରିବି ଆଉ,
ସଂସାର ନାବ ମୋ ପାରି କରିଦେବୁ
ଆଶା ମୋ ଏତିକି ହେ ମହାବାହୁ।
ରତ୍ନ ସିଂହାସନୁ ଓହ୍ଲାଇ ଆସିତୁ
ଦେଖିଯିବୁ ଥରେ ମୋହରି ଘର,
ପୁଅ ଝିଅ ପତ୍ନୀ କେତେ ଦୁଃଖେଛନ୍ତି
ମନରେ ରହିଛି ଅଶେଷ ଡର।

ଅଳପ ବୟସେ ଅନ୍ଧ କରିଦେଲୁ
କେଉଁ କାର୍ଯ୍ୟ ଆଉ ପାରୁନି କରି,
ସୁନ୍ଦର ପୃଥିବୀ ଅନ୍ଧାର ଲାଗଇ
ବାଟ ମୁଁ ଚାଲୁଛି ବାଡ଼ିକୁ ଧରି।

ଅନ୍ୟର ସାହାରା ସାଯିବା ଆଗରୁ
ବୋଝ ହେଇଗଲି ସମାଜ ପାଇଁ,
ଅଶୁଭ ମଣିଷ କହୁଛନ୍ତି ସର୍ବେ
ମୋ ପରିକା କେହି ଜଗତେ ନାଇଁ।

ପେଟର ଭୋକକୁ ମାରିବା ପାଇଁକି
ଦାନା ଦୁଇ ମୁଠା ପାରୁନି ଆଣି,
ଓଳିଏ ଖାଇଲେ ଓଳିଏ ଉପାସ
ସବୁକଥା ତୁହି ଅଛୁରେ ଜାଣି।

ପଢିବା ବୟସେ ପୁଅ ଝିଅ ମୋର
କାନ୍ଦୁଛନ୍ତି ଘର ଭିତରେ ବସି,
ବଡ଼ ପାପୀ ମୁହିଁ ମୋର ଲାଗି ପରା
ହଜିଗଲା ତାଙ୍କ ଜୀବନୁ ଖୁସି।
ଏତେ ଯଦି ଦୁଃଖ ଲେଖିଥିଲୁ ଭାଗ୍ୟେ
ସଂସାର ବନ୍ଧନେ ବାନ୍ଧିଲୁ କିଆଁ,
ଯୁବ ଅବସ୍ଥାରେ ଜୀବନକୁ ମୋର
ପାଉଁଶ କରିଲୁ ଲଗେଇ ନିଆଁ ।

ଏହା ଯଦି ମୋର କଳାକର୍ମ ଫଳ
ତେବେ ମାରିଦିଏ
ଏବେରେ ମୋତେ,
ହେଲେ ନିର୍ଦ୍ଦୋଷ ମୋ ପିଲା ଓ ପତ୍ନୀଙ୍କୁ
ଦୁଃଖ ଦେଏ ନାହିଁ ଆଉ ତୁ ଏତେ ।।

ସମ୍ପାଦକ :ଝୁମୁରୀ ପାରା ଶିଶୁ
ସାହିତ୍ୟ ସଂସଦ
ଓ ଆଦର୍ଶ ପାଠାଗାର
ନୀଳକଣ୍ଠପୁର,
ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

## ଇଚ୍ଛା

ଓଟ୍ଟେରୀ ସେଲ୍ୱା କୁମାର



କଣସେ କକଡ଼ାଗୁଡ଼ିକସେମାନେ
ଜାଣନି ଯେ ଦୌଡ଼ିବା
ତୀବ୍ରକେବଳ ଖାଦ୍ୟ ପାଇଁ
ଖୋଜୁଛନ୍ତି ଉଡିବା...

ସେଇ ସ୍ୱାଧୀନତାଜତେ
ପର୍ଯ୍ୟନ୍ତସ୍ୱାଧୀନତାର କକଡ଼ାଗୁଡ଼ିକ
ଉପଭୋଗ କରୁଛିଏମିତି
କକଡ଼ାଗୁଡ଼ିକଯଦି ସେମାନେ
ଉଡିବାରେ ବିଳମ୍ବ କରନ୍ତି ... ?

ସେମାନେ ଖାଦ୍ୟ ପାଇବ !
ସେଟି ହେଉଛି ସନ୍ଦେହ ଯେଉଡିବା
ହେଉଛି ସେହିଆରାମର
ବିଷୟପୃଥିବୀରୁଉଡିବାକୁ
ରଖିବାଏହିଠାରେ ଅନେକ
ପ୍ରାଣୀପେସାଇଛିକଣ ଏହା ?

କକଡ଼ାଙ୍କ ଭଳିସେହିଠାରେ ଉଡିବା
ଅସମ୍ଭବମାନବଙ୍କର ଚିନ୍ତା
କିନ୍ତୁ... ଏହା ଏକ ଚିନ୍ତା ନୁହେଁ ...
କାରଣ ହେଉଛି ...

ମାନବ ହେଉଛି କକଡ଼ା
ଭଳିଉଡିବାର ଇଚ୍ଛାକକଡ଼ା
ମାନବ କଠିନତାକୁ ଦେଖି
ଛନ୍ତିସେହିହେବା.....

+ କବିତା + କବିତା ସାମ୍ପ୍ରତିକ
୨୫/୧୩, ଶାନ୍ତିଆପ୍ପା ପ୍ରାଧାନ
ତାଳା,
ଓଟ୍ଟେରୀ,ଚେନ୍ନାଇ ୬୦୦୦୧୨

# ଶରୀର ପାଇଁ ରାମବାଣ କୁନ୍ଦୁରି : ୫ ରୋଗକୁ ସମୂଳେ ନାଶ କରିବାର ରଖେ ଶକ୍ତି



ଖାଦ୍ୟରେ ତଟକା ସବୁଜ ପନିପରିବା ସାମିଲ କରିବା ଦେହ ପାଇଁ ବହୁତ ଭଲ । ଡାକ୍ତର ମଧ ଆମିଷ ଖାଇବାକୁ ମନା କରି ଅଧିକରୁ ଅଧିକ ସବୁଜ ପରିବା ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି । ତେବେ ସବୁ ଋତୁରେ ଭିନ୍ନ ଭିନ୍ନ ପରିବା ବଜାରକୁ ଆସିଥାଏ । ଯାହା ପୋଷକ ତତ୍ତ୍ୱରେ ଭରପୂର ରହିବା ସହ ଦେହ ପାଇଁ ମଧ ଭଲ ହୋଇଥାଏ । କିନ୍ତୁ ଆଜିକାଲିର ଫାଷ୍ଟଫୁଡ୍ ଜୀବନଶୈଳୀ ଭିତରେ ଆମେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସୁବିଧାର ଶିକାର ହୋଇଥାଉ । କମ୍ ବୟସରୁ ହିଁ ଡାଏବେଟିସ୍ ,କିଡନି ସମ୍ବନ୍ଧୀୟ ରୋଗ ଏବଂ ଫୁସଫୁସ୍ ରୋଗରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ପ୍ରତିଘରେ ବଢ଼ି ବଢ଼ି ଚାଲିଛି । ତେବେ ଏମ୍ସର ପୂର୍ବ କଲସଲଟାଣ୍ଟ ତଥା ସାଓଲ ହାର୍ଟ ସେଣ୍ଟରର ଫାଉଣ୍ଡର ଡକ୍ଟର ବିମଳ ଝାଞ୍ଜର ଏହି ସବୁ ରୋଗ ସହ ମୁକାବିଲା କରିବା ପାଇଁ ଏମିତି ଏକ ପରିବା ବିଷୟରେ କହିଛନ୍ତି ଯାହା ସମସ୍ତଙ୍କୁ ପ୍ରାୟତଃ ଭଲ ଲାଗେ ।

ସାଧାରଣ ଲାଗୁଥିବା ପରିବାଟି ସମସ୍ତଙ୍କ ଘରେ ପ୍ରସ୍ତୁତ ହୁଏ କିନ୍ତୁ ଏହାର ଉପକାରିତା ବିଷୟରେ ପ୍ରାୟତଃ ଲୋକ ଜାଣିନଥିବେ । ଏହି ପରିବାଟି ହେଉଛି କୁନ୍ଦୁରି । କେବଳ ଖାଇବାକୁ ସୁଆଦିଆ ନୁହେଁ ଏହା ସ୍ୱାସ୍ଥ୍ୟ ପାଇଁ ମଧ ମହୌଷଧିର କାମ କରେ । ଓଜନ କମାଇବାଠାରୁ ଆରମ୍ଭ କରି ସୁଗାର୍ କଣ୍ଟ୍ରୋଲ୍ କରିବା,ଖାଦ୍ୟ ହଜମ କରିବା,ହାଡ଼କୁ ମଜଭୁତ କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ଅର୍ଥାତ ଟକ୍ସିନକୁ ମଧ ବାହାର କରିବାରେ ସାହାଯ୍ୟ କରେ କୁନ୍ଦୁରି । ଏହି ପରିବାରେ ଡାଇଟରି ଫାଇବର୍ ଭରପୁର ପରିମାଣରେ ରହିଥାଏ ଯେଉଁଥିରେ ବ୍ଲଡ୍ ସୁଗାର ଲେବଲ୍ କମ୍ ହୋଇଥାଏ । ଡାଏବେଟିସ୍ ରୋଗୀଙ୍କ ପାଇଁ ଏହି ପରିବାଟି ଖୁବ୍ ଲାଭଦାୟକ । ଗ୍ଲାଇସେମିକ ଇଣ୍ଡେକ୍ସ କାରଣରୁ ଏହା ସୁଗାରର ଲେବଲକୁ ଅବଶୋଷଣ କରି ଧିରେ ଧିରେ ଶରୀରରେ ଏନର୍ଜି ସୃଷ୍ଟି କରେ ।

ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ କାରଣରୁ ପେଟ ଫୁଲିବା , ଏସିଡିଟି ଭଳି ସମସ୍ୟା ପ୍ରତିଦିନ ଦେଖାଯାଏ । କୁନ୍ଦୁରିରେ ଥିବା ତତ୍ତ୍ୱ ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖିବା ସହ ଏସିଡିଟିକୁ କମାଇବାରେ ସହାୟକ ହୁଏ । ଏହି ପରିବା ଓଜନ ବଢ଼ାଇବା ସମସ୍ୟାକୁ ମଧ କମାଇଥାଏ । କମ୍ କ୍ୟାଲୋରିର ଏହି ପରିବା ପେଟ ଭର୍ତ୍ତି କରିବାରେ ସାହାଯ୍ୟ କରେ ତେଣୁ ଓଜନ କମାଇବାରେ ସହାୟକ ହୁଏ । ଓଜନ କମାଇବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ଖାଦ୍ୟରେ କୁନ୍ଦୁରି ସାମିଲ କରନ୍ତୁ । ଏହା ଶରୀରକୁ ଭାରି କରିବା ବଦଳରେ ପୋଷକ ତତ୍ତ୍ୱ ପହଞ୍ଚାଇବ । କୁନ୍ଦୁରିରେ କ୍ୟାଲସିୟମ , ଆଇରନ୍ , ଭିଟାମିନ୍-ସିର ମାତ୍ରା ଅଧିକ ଥିବାରୁ ଏହା ଦାନ୍ତ ଏବଂ ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରେ । ବୟସ୍କ ବ୍ୟକ୍ତିବିଶେଷଙ୍କୁ ଖାଦ୍ୟରେ କୁନ୍ଦୁରି ସାମିଲ କରିବା ଆବଶ୍ୟକ । ଏହାଛଡ଼ା ଆମେ ପ୍ରତିଦିନ ଖାଉଥିବା ତେଲ , ମସଲା ଭଳି ଟକ୍ସିନ ପଦାର୍ଥ ଶରୀରକୁ ଏକପ୍ରକାର ଅଳିଆଗଦା କରିଦେଇଥା'ନ୍ତି । ଏହି ଟକ୍ସିନ ପଦାର୍ଥକୁ କୁନ୍ଦୁରି ଶରୀରରୁ ବାହାର କରିବାରେ ସାହାଯ୍ୟ କରେ ।

# ଆପଣ ସବୁବେଳେ ଦୁର୍ବଳ ଅନୁଭବ କରୁଛନ୍ତି କି; କରନ୍ତୁ ଏହି ଯୋଗ, ଶରୀରରେ ଖେଳିଯିବ ଶକ୍ତି



ଦିନ ସାରା କ୍ଲାନ୍ତ ଲାଗିବା ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଆପଣ ଦିନସାରା ଶୋଇଲେ ବି କିଛି ଲାଭ ହୁଏନି। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଯୋଗ କରିପାରିବେ। ଆଜିକାଲିର ଖରାପ ଜୀବନଶୈଳୀ, ଖାଦ୍ୟରେ ଗଡବଡ ଏବଂ ନିଦ୍ରା ଅଭାବ ହେତୁ ଲୋକମାନେ ଅନେକ ଶାରୀରିକ ଏବଂ ମାନସିକ ସମସ୍ୟାର ଶିକାର ହେଉଛନ୍ତି। ଏମିତି ଅବସ୍ଥାରେ ବ୍ୟକ୍ତି ଦିନସାରା କ୍ଲାନ୍ତ ଅନୁଭବ କରିବା ସ୍ୱାଭାବିକ। ଆପଣ ବିଶ୍ରାମ ନିଅନ୍ତି ବା କିଛି କାମ ନ କରନ୍ତୁ କିନ୍ତୁ ଆଭ୍ୟନ୍ତରୀଣ ଭାବରେ ଆପଣ ଦୁର୍ବଳ ଏବଂ କ୍ଲାନ୍ତ ଅନୁଭବ କରନ୍ତି। ଏହି ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଆପଣ ଦିନସାରା ବିଛଣାରେ ଶୋଇବାକୁ ଚାହାଁନ୍ତି। ତଥାପି, ଶରୀରରେ ଏତେ ଶକ୍ତି ଅଭାବ ରୁହେ ଯେ ଶରୀର ଓଜନିଆ ଲାଗେ, ଦୁର୍ବଳ ଲାଗେ। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଯୋଗ କରିପାରିବେ। ଯୋଗ କେବଳ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଆପଣଙ୍କ ଉର୍ଜାକୁ ମଧ୍ୟ ବଢାଇଥାଏ। ଆଭ୍ୟନ୍ତରୀଣ ଭାବରେ ଆପଣଙ୍କ ଶରୀର ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରେ। ଯଦି ଆପଣ ମଧ୍ୟ ଏମିତି ସମସ୍ୟାର ସମ୍ମୁଖିନ ହେଉଛନ୍ତି ତେବେ ଏହି ଯୋଗାସନାକୁ ଆପଣଙ୍କର ନିୟମିତ ଅଭ୍ୟାସରେ ଅନ୍ତର୍ଭୁକ୍ତ କରନ୍ତୁ।

*ବାଳାସନ:* ନିୟମିତ ବାଳାସନ ଅଭ୍ୟାସ କରନ୍ତୁ। ଏହି ଆସନ ଚାପକୁ ହ୍ରାସ କରିଥାଏ ଏବଂ ଶକ୍ତି ମଧ୍ୟ ଯୋଗାଇଥାଏ। ବାଳାସନ କରିବାକୁ ହେଲେ ଆଣ୍ଠୁ ଉପରେ ଭୂମିରେ ବସନ୍ତୁ। ଉଭୟ ପାଦକୁ ଏକାଠି ସ୍ପର୍ଶ କରି ଗୋଇଠିକୁ ସାମାନ୍ୟ ଛଡା ରଖନ୍ତୁ। ପିଚାକୁ ଲଗେଇ ଗୋଇଠି ମଝିରେ ବସନ୍ତୁ। ଦୁଇ ଆଣ୍ଠୁକୁ ପ୍ରସାରିତ କରି ରଖନ୍ତୁ ଏକ ଗଭୀର ଶ୍ୱାସ ନେଇ ହାତକୁ ଉପରକୁ ଉଠାନ୍ତି, ଏବଂ ଶ୍ୱାସ ଛାଡି ଆଗକୁ ଝୁଙ୍କନ୍ତୁ। ପେଟକୁ ଦୁଇ ଜଙ୍ଘ ମଝିରେ ରଖନ୍ତୁ। ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ ମୂଳ ଅବସ୍ଥାକୁ ଆସନ୍ତୁ।

*ଧନୁରାସନ:* ଥାଇରଏଡରେ ଧନୁରାସନ ଅଭ୍ୟାସ ଅତ୍ୟନ୍ତ ଲାଭଦାୟକ। ଏହି ଆସନ ଶକ୍ତିଶାଳୀ କରିବା ସହିତ ମେଦବହୁଳତା ହ୍ରାସ କରାଏ। ଏହି ଆସନ ଅଭ୍ୟାସ କରିବା ପାଇଁ ପେଟ ମାଡି ଶୋଇ ପଡନ୍ତୁ ଏବଂ ଅଣ୍ଟା ଆଡକୁ ପାଦ ଆଣନ୍ତୁ। ବର୍ତ୍ତମାନ ଉଭୟ ପାଦକୁ ଦୁଇ ହାତରେ ଧରି ରଖିବାକୁ ଚେଷ୍ଟା କରନ୍ତୁ। ତା'ପରେ ମୁଣ୍ଡ, ଛାତି ଏବଂ ଜଙ୍ଘକୁ ଉପରକୁ ଉଠାନ୍ତୁ ଏବଂ ଶରୀରର ଓଜନକୁ ପେଟର ନିମ୍ନ ଭାଗରେ ରଖନ୍ତୁ। କିଛି ସମୟ ଏହି ଅବସ୍ଥାରେ ରହି ମୂଳ ଅବସ୍ଥାକୁ ଫେରନ୍ତୁ।



*ତାଡାସନ:* ଏହି ଆସନ ସମଗ୍ର ଶରୀର ଉପରେ ପ୍ରଭାବ ପକାଏ। ତାଡାସନ କରିବାକୁ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧ୍ୟରେ କିଛି ଦୂରତା ରଖନ୍ତୁ। ଏକ ଗଭୀର ଶ୍ୱାସ ନେଇ ଉଭୟ ହାତ ଉପରକୁ ଉଠାନ୍ତୁ। ଉପରକୁ ଭିଡି ହୋଇ ଦୁଇ ଗୋଇଠି ଉଠାନ୍ତୁ ଆଉ ପାଦ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ। ଏହି ଅବସ୍ଥାରେ ଶରୀରର ପ୍ରତ୍ୟେକ ଅଙ୍ଗ ଟାଣି ହୁଏ। ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସାଧାରଣ ସ୍ଥିତିକୁ ଫେରନ୍ତୁ। ଏହି ଆସନକୁ ୧୦ରୁ ୧୫ଥର ପୁନରାବୃତ୍ତି କରନ୍ତୁ।

*ଶବାସନ:*
ଶାରୀରିକ ଏବଂ ମାନସିକ ଥକାପଣ ଦୂର କରିବା ପାଇଁ ଶବାସନ ଖୁବ ଲାଭଦାୟକ। ଏହି ଆସନ କରିବା ପାଇଁ, ପିଠି ପଟିଆ ଶୋଇ ଯାଆନ୍ତୁ ଏବଂ ଦୁଇ ଗୋଡ କିଛି ବ୍ୟବଧାନରେ ରଖି ଢିଲା ଛାଡିଦିଅନ୍ତୁ। ଦୁଇ ହାତକୁ ଶରୀରଠାରୁ ଅଳ୍ପ ଦୂରରେ ରଖି ଧୀରେ ଧୀରେ ଆଙ୍ଗୁଠି ଠାରୁ ଆରମ୍ଭ କରି ସମଗ୍ର ଶରୀର ଉପରେ ଧ୍ୟାନ ଦିଅନ୍ତୁ। ମନକୁ ଶାନ୍ତ ରଖନ୍ତୁ ଏବଂ ଶରୀରରେ ଶକ୍ତି ଖେଳିଯିବା ଅନୁଭବ କରନ୍ତୁ।



# ଜଲଦି ଛାଡ଼ନ୍ତୁ ଏ ଅଭ୍ୟାସ

# ଡେରି ରାତିରେ ଖାଉଥିଲେ ସାବଧାନ୍ !

ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ, ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ ।

-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରିଥାଏ
-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

# ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ: ସୁସ୍ଥ ରହିବ ହାର୍ଟ



ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ । ଭୁର୍ସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ । ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ । ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ। ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ। ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ।

ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ। ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ପୁଦିନା ପତ୍ରରୁ କିଛି



# କ୍ୟାନ୍‌ସର ଉପରେ ପ୍ରଭାବି ଫ୍ଲାସ ରେଡିଓ ଥେରାପି: ନିମିଷକେ କ୍ୟାନ୍‌ସର କୋଷିକାକୁ କରୁଛି ନଷ୍ଟ

ଆଜିର ଦିନରେ ସାରା ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପ୍ରତିବର୍ଷ ପ୍ରାୟ ୬କୋଟିରୁ ଅଧିକ ଲୋକ ଏହି ରୋଗରେ ପ୍ରାଣ ହରାଉଛନ୍ତି । ଭାରତ ସମେତ ଅନେକ ଦେଶରେ କର୍କଟ ସ୍ଥିତି ଉତ୍କଟ ରହିଛି । ଏହା ସବୁଠାରୁ ବିପଦପୂର୍ଣ୍ଣ ରୋଗ ମଧ୍ୟରୁ ଗୋଟିଏ । କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବହୁତ କମ୍ ଲୋକ ସୁସ୍ଥ ହୋଇପାରନ୍ତି । ବ୍ୟୟବହୁଳ ସହ ଏହାର ଚିକିତ୍ସା ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥାଏ । ଏସବୁ ଭିତରେ କ୍ୟାନ୍ସର ରୋଗୀଙ୍କ ପାଇଁ ଆଶୀର୍ବାଦ ପାଲିଟିଛି ଫ୍ଲାସ ରେଡିଓ ଥେରାପି । ଜାଣନ୍ତୁ ଏହା କଣ ?

କ୍ୟାନ୍‌ସର ପାଇଁ ରାମବାଣ ଫ୍ଲାସ ରେଡିଓ ଥେରାପି !
-ଫ୍ଲାସ ରେଡିଓ ଥେରାପି କ୍ୟାନ୍ସର ଚିକିତ୍ସାର ଅଭିନବ କୌଶଳ
-ଏଥିରେ ବିକିରଣର ସମ୍ପୂର୍ଣ୍ଣ ଡୋଜ୍ ବହୁତ କମ୍ ସମୟରେ ପ୍ରଦାନ କରାଯାଏ
-କ୍ୟାନ୍ସର କୋଷିକାକୁ ଛାଡ଼ିଦେଲେ ସୁସ୍ଥ ଟିସୁ ଉପରେ ବିକିରଣର ପ୍ରଭାବ ହ୍ରାସ ପାଏ
-ବିକିରଣ-ପ୍ରେରିତ ବିଷାକ୍ତତାକୁ ହ୍ରାସ କରିବାରେ ସାହାଯ୍ୟ କରେ

ଏହି ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିରେ କିଛି ମିନିଟ୍ ମଧରେ ରୋଗ ଚିହ୍ନଟ ହେବା ସହ ଏହାକୁ ଭଲ କରାଯାଇପାରିବ ରୋଗୀଙ୍କୁ ଅଧିକ ସମୟ ପାଇଁ ହସ୍ପିଟାଲରେ ରହିବାକୁ ପଡ଼ିବ ନାହିଁ । ଏପରି ପରିସ୍ଥିତିରେ ରୋଗୀଙ୍କ ଜୀବନକାଳ ବୃଦ୍ଧି ପାଇବ । କର୍କଟ ରୋଗ ଚିକିତ୍ସାରେ ବ୍ୟବହାର କରାଯାଉଥିବା ପାରମ୍ପରିକ ରେଡିଓ ଥେରାପିର ରେଡିଏସନ୍ ପାଇଁ ଏକାଧିକ ସେସନ୍ସ କରାଯାଇଥାଏ । ଯାହାଦ୍ୱାରା ଶରୀରର ସୁସ୍ଥ କୋଷିକା ନଷ୍ଟ ହେବା ସହ ବ୍ରେନ୍ କ୍ୟାନ୍‌ସର ହେବାର ଆଶଙ୍କା ସୃଷ୍ଟି ହୁଏ । କିନ୍ତୁ ଫ୍ଲାସ୍ ରେଡିଓଥେରାପି ମାତ୍ର ଗୋଟିଏ ସେସନରେ ରୋଗୀକୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ କରିଦେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ।

# ବର୍ଷାଦିନେ ଘରେ ହେଉଛନ୍ତି କି ପୋକ: ଆପଣାନ୍ତୁ ଏହି ଉପାୟ

**ବର୍ଷାଦିନେ ସାଧାରଣତଃ କୀଟପତଙ୍ଗଙ୍କ ସଂଖ୍ୟା ବହୁତ ବଢ଼ିଯାଏ । ତେବେ ଘରକୁ ଏମାନଙ୍କଠାରୁ ସୁରକ୍ଷିତ ରଖିବାକୁ ହେଲେ କିଭଳି ପ୍ରତିକାର କରିବେ ଜାଣିରଖନ୍ତୁ...**



ବର୍ଷାଦିନେ ଘର ଭିତରକୁ କୀଟପତଙ୍ଗଠାରୁ ସୁରକ୍ଷା ଦେବା ପାଇଁ ଏକ ଘରୋଇ ସ୍ପ୍ରେ ତିଆରି କରନ୍ତୁ। ଏଥିପାଇଁ ଏକ ପାତ୍ରରେ ପ୍ରଥମେ ପାଣି ଗରମ କରନ୍ତୁ। ସେଥିରେ ଲବଙ୍ଗ ପକାଇ କିଛି ସମୟ ଫୁଟାନ୍ତୁ। ପାଣିର ରଙ୍ଗ ବଦଳିଗଲା ପରେ ସେଥିରେ ୧ ଚାମଚ ବେକିଂ ସୋଡ଼ା ଓ ତେଜପତ୍ର ପକାଇ ଫୁଟାନ୍ତୁ। ଏବେ ଏହାକୁ ଥଣ୍ଡାକରି ଏକ ସ୍ପ୍ରେ ବୋତଲରେ ରଖନ୍ତୁ। ଏହାକୁ ଘରର ବିଭିନ୍ନ ସ୍ଥାନରେ ସ୍ପ୍ରେ କରି ଦିଅନ୍ତୁ। କୀଟ ହେଉଥିବା ସ୍ଥାନରେ ଧଳା ଭିନେଗାର ପକାନ୍ତୁ। ପୋକ ହେବେ ନାହିଁ। କୀଟପତଙ୍ଗ ଦୂରେଇବା ପାଇଁ ସେହି ସ୍ଥାନରେ ଲୁଣ ପକାନ୍ତୁ। ଏହା ପ୍ରଭାବରେ ପୋକମାନଙ୍କ ସଂଖ୍ୟା କମ୍ ହୋଇଯିବ। ଲେମ୍ବୁରସ ସ୍ପ୍ରେ କରିବା ଫଳରେ ପୋକ ଆସିବେ ନାହିଁ। ଘରୁ ପୋକ ବାହାରକରିବା ପାଇଁ ରସୁଣ ମଧ୍ୟ ବେଶ୍ ଉପାଦେୟ। ଏଥିପାଇଁ ରସୁଣକୁ ଛେଚି ପାଣିରେ ମିଶାନ୍ତୁ। ଏହାକୁ ପୋକ ଆସୁଥିବା ସ୍ଥାନରେ ପକାନ୍ତୁ।

# ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣାଗାର ପ୍ରତିଷ୍ଠା ଦାବିରେ ଗଣଧାରଣା




ଜଳେଶ୍ୱର, ୨/୦୯ (ନି.ପ୍ର): ବାଲେଶ୍ୱରରେ ସରକାରୀ କୃଷି ମହାବିଦ୍ୟାଳୟ ଏବଂ ଗବେଷଣାଗାର ପ୍ରତିଷ୍ଠା ଦାବିରେ ଜଳେଶ୍ୱର ଶାଖା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ସୋମବାର ଜଳେଶ୍ୱର ତହସିଲ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିରେ ଜଳେଶ୍ୱର ଶାଖା କ୍ରିୟାନୁଷ୍ଠାନ ସମିତିର ସଭାପତି ଦିଲୀପ ଗିରି ଅଧ୍ୟକ୍ଷତା କରିଥିଲେ। ବିଶେଷ କରି କରି ବସ୍ତା, ବାଲିଆପାଳ, ଜଳେଶ୍ୱର ଭୋଗରାଇ ୪ଟି ବ୍ଲକରେ ବ୍ୟାପକ ପରିମାଣରେ ଧାନ, ପାନ, ମୀନ ଚାଷ ସହ ବିଭିନ୍ନ ଅର୍ଥକାରୀ ଫସଲ ଓ ତୈଳବୀଜ ଶସ୍ୟ ଅମଳ ହୋଇଥାଏ। ବାଲେଶ୍ୱର ଅଞ୍ଚଳରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଲାଗି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୀର୍ଘ ୩ବର୍ଷ ଧରି ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ସାଂସଦ, ଜିଲ୍ଲାପାଳ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ପର୍ଯ୍ୟାୟକ୍ରମେ ଦାବିପତ୍ର ଦିଯାଇଥିଲା ରାଜ୍ୟ ସରକାରଙ୍କ ପକ୍ଷରୁ ୩ଟି କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ହୋଇଛି କିନ୍ତୁ ବାଲେଶ୍ୱରର ସ୍ଥାନ ନାହିଁ ସବୁ ଭିତ୍ତିଭୂମି ରହିଥିବା ବେଳେ ବାଲେଶ୍ୱର ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନ ହେବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି ବୋଲି ଆନ୍ଦୋଳନକାରୀ ମାନେ କହିଥିଲେ। ଗଣଧାରଣା ସମୟରେ କୃଷି ବୈଜ୍ଞାନିକ ଡ. କେଶବ ଚନ୍ଦ୍ର ପଣ୍ଡା, ଡ. କ୍ଷୀତିଶ ଦାସ, ଜଳେଶ୍ୱର ଶାଖା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଅଜିତ ମହାନ୍ତି, ପ୍ରଫୁଲ୍ଲ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ମନୋରଞ୍ଜନ ଦାସ, ଖଗେନ୍ଦ୍ର ସାହୁ, ଅବନୀ ଚାନ୍ଦ, ଶରତ ପରିଡ଼ା, କପିଳେଶ୍ୱର ମହାନ୍ତି, ଶ୍ରୀକାନ୍ତ ପାତ୍ର, ସିତାଂଶୁ ସେନାପତି, ମମି ପଣ୍ଡା, ସମରେଶ ଡିଣ୍ଡା, ରବୀନ୍ଦ୍ର ବାରିକ, ନୀରଜ ବେହେରା ଓ ଭାସ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାରିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ।

# ବଛାହେବେ ନୂତନ ଜିଲ୍ଲା କଂଗ୍ରେସ ସଭାପତି : ସଙ୍ଗଠନ ସୃଜନ ଅଭିଯାନ ଓଡ଼ିଶା ଆରମ୍ଭ

ଭୁବନେଶ୍ୱର, ୨/୦୯ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ହେଉଛି। ଏହି ଗଣତାନ୍ତ୍ରିକ ପ୍ରକ୍ରିୟା ରାଜ୍ୟବ୍ୟାପୀ ଅଗଣିତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ସୃଷ୍ଟି କରିଛି ବୋଲି ଆଜି ମଧ୍ୟାହ୍ନରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି। ଶ୍ରୀ ଦାସ କହିଛନ୍ତି, ଗତକାଲି ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ସାଂସଦ ଶ୍ରେୟାସ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରି ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା ଆରମ୍ଭ କରିଛନ୍ତି। ଏହିପରି ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ଯଥାକ୍ରମେ ମୁମ୍ବାଇ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ଚରଣ ସିଂହ ସାପ୍ରା, ପୂର୍ବତନ ମନ୍ତ୍ରୀ ବିମଳ ଶାହା, ବିଧାୟକ ରାଘବେନ୍ଦ୍ର ସିଂହ, ଏଆଇସିସି କୃଷକ ବିଭାଗର ଅଖିଳେଶ ଶୁକ୍ଲା, ପିସିସି ପୂର୍ବତନ କାର୍ଯ୍ୟକାରୀ ସଭାପତି ଜେଟି କୁସୁମ କୁମାର, ପୂର୍ବତନ ପିସିସି ସଭାପତି ମହେଶ ଶର୍ମା ଓ ଏଆଇସିସି ସମ୍ପାଦକ ମନୋଜ ଚୌହାନ ପ୍ରମୁଖ ଆସି ଓଡ଼ିଶାରେ ପହଂଚିଛନ୍ତି। ସୂଚନାଯୋଗ୍ୟ ପ୍ରତ୍ୟେକ ଜିଲ୍ଲାର ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀ ସେମାନଙ୍କ ସହ ସଂପୃକ୍ତ ଜିଲ୍ଲା ଗସ୍ତ କରିଛନ୍ତି। ଉକ୍ତ ତିନିଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀରେ ଜଣେ ଲେଖାଏଁ ବରିଷ୍ଠ କଂଗ୍ରେସ ନେତା ସାମିଲ ଅଛନ୍ତି। ପର୍ଯ୍ୟବେକ୍ଷକ ମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୁନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ମାନଙ୍କ ସହ ଆଲୋଚନା କରି ଏକ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଉକ୍ତ ତାଲିକା ଗୁଡିକରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି। ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟାକୁ ଯଥା ସମ୍ଭବ ଗଣତାନ୍ତ୍ରିକ ଓ ପୂର୍ଣ୍ଣାଙ୍ଗ କରିବା ପାଇଁ ଆବଶ୍ୟକ ସ୍ଥଳେ ପର୍ଯ୍ୟବେକ୍ଷକ ମାନେ ଅସୁସ୍ଥ ଓ ବୟୋବୃଦ୍ଧ ନେତୃବୃନ୍ଦଙ୍କ ଘରକୁ ଯାଇ ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖରେ ସରିବ ବୋଲି ଶ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ମଧ୍ୟ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଗସ୍ତରେ ଆସିବେ। ଆଜିର ପ୍ରେସବାର୍ତ୍ତାରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସୃଜନ ଅଭିଯାନର ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଏଆଇସିସି ୱାର ରୁମ୍ ଓଡ଼ିଶା ସଂଯୋଜକ ହିତେଶ ମତୁୱାନି, ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ଓଡ଼ିଶା ୱାର ରୁମ୍ ଅଧ୍ୟକ୍ଷ ମନୋରଞ୍ଜନ ଦାଶ, ଭିତ୍ତିଭୂମି ଉପାଧ୍ୟକ୍ଷ ପ୍ରଦୀପ ମହାପାତ୍ର, ୱାର ରୁମ୍ ସଦସ୍ୟ ତରୁଣ ମିଶ୍ର, ବାଙ୍କନିଧି ବେହେରା, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସରୁ ସେବା ପକ୍ଷ ପାଳନ କରିବ ବିଜେପି

ଭୁବନେଶ୍ୱର, ୨/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ପ୍ରତିବର୍ଷ ସେବା ଦିବସ ଭାବେ ପାଳନ କରଯିବା ସହ ଉକ୍ତ ଦିନରୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନ ସେବା ପକ୍ଷ ଭାବେ ପାଳନ କରା ଯାଏ । ଚଳିତବର୍ଷ ମୋଦିଜୀଙ୍କ ୭୫ତମ ଜନ୍ମଦିନ ପଡୁଥିବାରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦଳ ପକ୍ଷରୁ ଉତ୍ସାହର ସହ ସେବା ପକ୍ଷ ପାଳନ କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ସୂଚନା ଦେଇଛନ୍ତି । ଡ. ମହାନ୍ତି କହିଛନ୍ତି ଯେ, ସେବାପକ୍ଷ ଉପଲକ୍ଷେ ୧୭ରେ ରାଜ୍ୟସ୍ତରୀୟ, ୧୮ରେ ଜିଲ୍ଲାସ୍ତରୀୟ ଓ ୧୯ରୁ ସେପଟ୍ଟେମ୍ବର ୨୭ ପର୍ଯ୍ୟନ୍ତ ମଣ୍ଡଳସ୍ତରରେ ସ୍ୱଚ୍ଛତା ଅଭିଯାନ ଓ ରକ୍ତଦାନ ଶିବିର ଆୟୋଜନ କରାଯିବ । ଏହି ଅବସରରେ ବିଭିନ୍ନ ପିଏଚ୍‌ସି, ସିଏଚ୍‌ସି, ମେଡିକାଲ କଲେଜ ଓ ଘରୋଇ ଡାକ୍ତରଖାନାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ । ୧୭ରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ୧୮ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ କରାଯିବ । ଏହି ପ୍ରଦର୍ଶନୀ ସାଙ୍ଗରେ ଭୋକାଲ ଫର ଲୋକାଲର ପ୍ରଚାର କରାଯିବ । ସ୍ଥାନୀୟ ଉତ୍ପାଦ, ହସ୍ତଶିଳ୍ପ ଏବଂ ପାରମ୍ପରିକ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ସ୍ୱତନ୍ତ୍ର ମେଳା ଓ ପ୍ରଦର୍ଶନୀ କରାଯିବ । ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ।୧୯ ଓ ୨୦ ସେପ୍ଟେମ୍ବରରେ ଜିଲ୍ଲାସ୍ତରୀୟ ପ୍ରବୁଦ୍ଧ ବର୍ଗ ସମ୍ବାଦ, ମୋଦିଜୀଙ୍କ ଜୀବନୀ ଉପରେ ଫିଲ୍ମ ପ୍ରଦର୍ଶନ କରାଯିବ । ୧୯ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ପାଠାଗାର ଓ ପଂଚାୟତ ଭବନରେ ମୋଦିଜୀଙ୍କ ଜୀବନୀ ଉପରେ ପୁସ୍ତକ ବଂଟନ କରାଯିବ। ଜାତୀୟ ଉପକୂଳ ଦିବସ ଅର୍ଥାତ୍ ସେପଟ୍ଟେମ୍ବର ୨୦ରେ ସମୁଦ୍ର ଉପକୂଳଠାରେ ସ୍ୱଚ୍ଛତା ଅଭିଯାନ କରାଯିବ। ୨୧ ସେପ୍ଟେମ୍ବରରେ ମୋଦି ବିକାଶ ମାରାଥନ କାର୍ଯ୍ୟକ୍ରମ କରାଯିବ।

## ବିଳାସପୁର ଡିଭିଜନରେ ସୁରକ୍ଷା କାର୍ଯ୍ୟ ହେତୁ ଟ୍ରେନ୍ ସମୟରେ ପରିବର୍ତ୍ତନ

ଭୁବନେଶ୍ୱର, ୨/୦୯ (ନି.ପ୍ର): ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ ଅନ୍ତର୍ଗତ ବିଳାସପୁର ଡିଭିଜନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁଁ, ସୁଗମ ପରିଚାଳନା ସୁନିର୍ଶ୍ଚିତ କରିବା ପାଇଁ କିଛି ଚୟନିତ ଟ୍ରେନଗୁଡ଼ିକର ସମୟସୂଚୀରେ ପୁନଃ ନିର୍ଦ୍ଧାରିତ କରାଯାଇଛି। ଟ୍ରେନ ନମ୍ବର ୧୮୪୭୭ ପୁରୀ-ଯୋଗ ନଗରୀ ଋଷିକେଶ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ୨ ସେପଟ୍ଟେମ୍ବର ୨୦୨୫ରେ ଯାହା ପୁରୀରୁ ୨୦.୪୫ ଘଂଟାରେ ଛାଡିବାର ଥିଲା ଏହା ୦୨ ଘଂଟା ପୁନଃ ନିର୍ଦ୍ଧାରଣ କରାଯାଇ ୨୨.୪୫ ଘଂଟାରେ ଛାଡିବ। ସେହିଭଳି, ଟ୍ରେନ ନମ୍ବର ୨୦୪୭୨ ପୁରୀ- ଶ୍ରୀ ଗଙ୍ଗାନଗର ଜଙ୍କସନ ସୁପର-ଫାଷ୍ଟ ଏକ୍ସପ୍ରେସକୁ ୩ ସେପ୍ଟେମ୍ବର ୨୦୨୫ରେ ଯାହା ପୁରୀରୁ ୦୭.୩୫ ଘଂଟାରେ ଛାଡିବାର ଥିଲା ଏହା ୦୩ ଘଂଟା ୩୦ ମିନିଟ୍ ପୁନଃ ନିର୍ଦ୍ଧାରଣ କରାଯାଇ ୧୦.୦୫ ଘଂଟାରେ ଛାଡିବ।ଯାତ୍ରୀମାନଙ୍କୁ ଏହି ପରିବର୍ତନଗୁଡ଼ିକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି।

# ଇଣ୍ଟରନେସନାଲ ବୁକ୍ ଅଫ୍ ୱାରଲ୍ଡ ରେକର୍ଡରେ ସ୍ଥାନ ପାଇଲେ ଅନ୍ୱେଷା

ବାସୁଦେବପୁର, ୨/୦୯ (ନି.ପ୍ର): ବାସୁଦେବପୁର ସହରର ମେଧାବୀ ଛାତ୍ରୀ ନିକଟରେ ଇଣ୍ଟରନେସନାଲ୍ ବୁକ୍ ଅଫ୍ ୱାରଲ୍ଡ ରେକର୍ଡ ରେ ସ୍ଥାନ ପାଇବା ସହିତ ପୁରସ୍କାର ଲାଭ କରିଛନ୍ତି। ଏକ ସ୍ୱତନ୍ତ୍ର ଉତ୍ସବରେ ଅତିଥି ମାନଙ୍କ ଠାରୁ ଏହି ପୁରସ୍କାର ସେ ଦିଲ୍ଲୀରୁ ପାଇଛନ୍ତି। ଅନ୍ୱେଷା ବର୍ତ୍ତମାନ ଭଦ୍ରକ ଜିଲ୍ଲାର ଇଚ୍ଛା ପୁର ଠାରେ ଥିବା ପବ୍ଲିକ ସ୍କୁଲରେ ଚତୁର୍ଥ କ୍ଲାସରେ ପଢୁଛନ୍ତି। ସେ ଜଣେ ମେଧାବୀ ଛାତ୍ରୀ। ତାଙ୍କର ପିତାଙ୍କ ନାମ ମନୋଜ ସାହୁ ଓ ମାତାଙ୍କ ନାମ ରୋଜାଲିନ ସାହୁ। ଖୁବ୍ କମ୍ ସମୟ ମଧ୍ୟରେ ଅନ୍ୱେଷା ଭାରତ ଓ ପୃଥିବୀର ସାଧାରଣ ଜ୍ଞାନ ଓ ବିଜ୍ଞାନର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥାନ୍ତି। ଦୁଇ ଥର ସେ ଇଣ୍ଡିଆ ରେକର୍ଡ କରିଛନ୍ତି ଓ ଏହା ବ୍ୟତୀତ



ଏସିଆ ରେକର୍ଡ, ୱାରଲ୍ଡ ରେକର୍ଡ ମଧ୍ୟ କରିଛନ୍ତି। ତାଙ୍କୁ ବର୍ତ୍ତମାନ ଆଠ ବର୍ଷ ବୟସ । ଖୁବ୍ କମ୍ ବୟସରୁ ସୋଲାର ସିଷ୍ଟମ ନାମରେ ଅନ୍ୱେଷା ଏକ ବିଜ୍ଞାନ ପୁସ୍ତକ ଲେଖିଛନ୍ତି ଯାହାକି ପାଠକ ମାନଙ୍କ ଦ୍ୱାରା ଖୁବ୍ ଉଚ୍ଚ ପ୍ରଶଂସିତ ହୋଇଛି। ସେ ସୁନ୍ଦର ଓଡ଼ିଶୀ ନୃତ୍ୟ ନାଚନ୍ତି। ଏହା ବ୍ୟତୀତ ଜାତୀୟ ସ୍ତରରେ ହସ୍ତାକ୍ଷର ଲେଖା, ଇଂରାଜୀ ସ୍ପେଲବି ଓ ସୃଜନଶୀଳତା, ଡିବେଟ୍ ପ୍ରଭୃତିରେ ସେ ଖୁବ୍ ସଫଳତା ହାସଲ କରିଛନ୍ତି। ଅନ୍ୱେଷାଙ୍କ ଟ୍ୟୁସନ୍ ସାର୍ ଅମ୍ଳାଂଶୁ ରାୟ ଓ ନୃତ୍ୟଗୁରୁ ରାନୁ ଲତା ମଲିକ ମଧ୍ୟ ପ୍ରେରଣା ଦିଅନ୍ତି। ଅନ୍ୱେଷା ଙ୍କ ପିତା ମନୋଜ ସାହୁ ଅଭନି ବୁଟିକ୍ ଓ ଅଭନି ଜୁଏଲାର୍ସ ବାସୁଦେବପୁର ସହରରେ ପ୍ରତିଷ୍ଠା କରିଛନ୍ତି ଓ ଏଥିରେ ସଂଚାଳିକା ଅଛନ୍ତି ଅନ୍ୱେଷା। ଅନ୍ୱେଷା ଙ୍କ ଜେଜେ ନବଘନ ସାହୁ ଓ ମାମୁଁ ସୀମାଞ୍ଚଳ ସାହୁ। ଭବିଷ୍ୟତରେ ଅନ୍ୱେଷା ସ୍ପେସ ବୈଜ୍ଞାନିକ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଏହି ଇଣ୍ଟରନେସନାଲ୍ ବୁକ୍ ଅଫ୍ ୱାରଲ୍ଡ ରେକର୍ଡ ପୁରସ୍କାର ଲାଭ ପରେ ଅନ୍ୱେଷାଙ୍କୁ ବିଶିଷ୍ଟ ବ୍ୟକ୍ତି ଓ ସାଙ୍ଗ ସାଥୀ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ମଧ୍ୟାହ୍ନ ଭୋଜନର ମାନ ପରଖିଲେ ଜିଲ୍ଲାପାଳ

ମାଲକାନଗିରି, ୨/୦୯ (ନି.ପ୍ର): ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାରେ ମଧ୍ୟାହ୍ନ ଭୋଜନରେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାପାଳ ନିଜେ ପଦ୍ମଗିରି ଏସଏସଡି ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଏହି ଅବସରରେ ପାଠପଢା କେମିତି ଚାଲିଛି ପଚାରି ବୁଝିଥିଲେ ଜିଲ୍ଲାପାଳ। ପିଲାଙ୍କ ସୁବିଧା ଅସୁବିଧା ବୁଝିଥିଲେ । ସେହିପରି ଉକ୍ତ ସ୍କୁଲର ଭିତିଭୂମି ପରିଦର୍ଶନ କରିବା ସହ ଉନ୍ନୟନ କାମ ବୁଲି ଦେଖିଥିଲେ । ଛାତ୍ରଛାତ୍ରୀଙ୍କୁ ଉତମ ଗୁଣବତା ସମ୍ପନ୍ନ ଖାଦ୍ୟ ପରଷିବା ପାଇଁ ସୁନିର୍ଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।
ଜିଲ୍ଲାପାଳଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନର ଗୁଣବତା, ମାନ ଓ ସ୍ୱାଦ ଚାଖିବେ। ମୁଖ୍ୟତଃ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ପରେ ନିକଟସ୍ଥ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିବେ ଅଧିକାରୀ ମାନେ। ଆଜି ପଦ୍ମଗିରି ପଂଚାୟତରେ ଅଭିଯୋଗ ଶୁଣାଣୀ ପରେ ସମସ୍ତ ଅଧିକାରୀ ମାନେ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପିଲା ମାନଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନର ମାନ ପରଖି ଥିଲେ। ଆରକ୍ଷୀ ଅଧିକ୍ଷକ ଖରାପଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉପ ଜିଲ୍ଲାପାଳ ତଳସାହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଖି ଥିଲେ। ପଂଚାୟତର ନିକଟସ୍ଥ ଅନ୍ୟାନ୍ୟ ବିଦ୍ୟାଳୟ ଯଥା ସିନ୍ଧରୀମାଲ, ବାଂଟିଗୁଡା, ଜଦୁଗୁଡା, ବଇଲା ପାରି ଇତ୍ୟାଦି ବିଦ୍ୟାଳୟରେ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିଥିଲେ। ଆସନ୍ତା ଦିନ ଗୁଡିକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନର ସ୍ୱାଦ ଓ ମାନ ସୁନିର୍ଶ୍ଚିତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣଗ୍ରାହୀ ସୂଚନା ଦେଇଛନ୍ତି।

# ଓଡ଼ିଶା ଯାତ୍ରୀ ଆପ୍ ସହାୟତାରେ କିଣି ହେବ ଆମ ବସ୍ ଏବଂ ଚିଲିକା ବୋଟିଂ ଟିକେଟ

ଭୁବନେଶ୍ୱର, ୨/୦୯ (ନି.ପ୍ର): ଓଡ଼ିଶା ଯାତ୍ରୀ ଆପ୍ ର କଳେବର ବଢ଼ାଇଛି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ। ଏଣିକି ଏହି ଆପ୍ ମାଧ୍ୟମରେ ଆମ ବସ୍ ଏବଂ ସାତପଡ଼ାରେ ଚିଲିକା ବୋଟିଂ ନିମନ୍ତେ ଟିକେଟ୍ କିଣିପାରିବେ। ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ ଆପ୍ ରେ ଅନ୍ତର୍ଭୁକ୍ତ କରାଯାଇଛି।
ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍ ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକେଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ପାଇପାରିବେ। ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ା ଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଂଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡରୋଏଡ୍ ପ୍ଲାଟଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବା ବେଳେ ଆଇଓଏସ୍ ରେ ନିକଟରେ ଭବିଷ୍ୟତରେ ଉପଲବ୍ଧ ହେବ। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତିକରି ଟିକେଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ। ଓଡ଼ିଶା ଯାତ୍ରୀ କେବଳ ଏକ ଡିଜିଟାଲ ସେବା ନୁହଁ, ଯାତ୍ରୀଙ୍କୁ ସାର୍ବଜନୀନ ,ଟେକ୍ନୋଲୋଜି ଭିତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇ ଦେବାର ସଂକଳ୍ପ ବୋଲି କହିଛନ୍ତି ଶ୍ରୀମତୀ ଉଷା ପାଢ଼ୀ, ପ୍ରମୁଖ ଶାସନ ସଚିବ, ଗୃହନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ। ଏହି ଡିଜିଟାଲ ପ୍ଲାଟଫର୍ମ ସହାୟତାରେ ବସ୍ ସେବା ଏବଂ ବୋଟିଂ ଗୋଟିଏ କ୍ଲକ୍ ରେ ଉପଲବ୍ଧ ହୋଇପାରିବ।

# ଭାଗବତକାର ଅତିବଡୀ ଜଗନ୍ନାଥ ଦାସ ଚିର ଅମର

ପୁରୀ, ୨/୦୯ (ନି.ପ୍ର): ଅତିବଡୀ ଜଗନ୍ନାଥ ଦାସଙ୍କ କାଳଜୟୀ ଓଡ଼ିଆ ଭାଗବତ ଓଡ଼ିଆ ଅସ୍ମିତାର ପ୍ରତୀକ। ଏହା ଯୁଗ ଯୁଗକୁ ଆମ ସଂସ୍କୃତିର ରକ୍ଷା କବଚ ପାଲଟି ଥିବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି। ଆଜି ପୁରୀ ସାତଲହଡି ମଠ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡୀ ଜଗନ୍ନାଥ ଦାସଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ଓ ଭାଗବତ ଧର୍ମ ଭାବନା କ୍ଷେତ୍ରରେ ଅତିବଡୀ ଜଗନ୍ନାଥ ଦାସଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶୁକଦେବ ମହାନ୍ତି ଭାଗବତ ସମର୍ପଣ ଓ ଭକ୍ତିର ସୂତ୍ର ବୋଲି କହିଥିଲେ। ଏହାକୁ ଏତେ ସରଳତାରେ, ଭାବରେ ଓ ସାବଲୀଳ ଭାଷାରେ ଅତିବଡୀ ଜଗନ୍ନାଥ ଦାସ ରଚନା କରିଛନ୍ତି ଯେ, ଅତି ସାଧାରଣ ଲୋକଟିଏ ମଧ୍ୟ ଏହାକୁ ପଢି, ଶୁଣି, ବୁଝି ପ୍ରଭାବିତ ହୋଇ ପାରୁଛନ୍ତି। ଯୁଗ ଯୁଗ ପାଇଁ ଏହା ସମଗ୍ର ମାନବ ଜାତିକୁ ପ୍ରେରଣା ଦେଇ ଚାଲିଥିବ ବୋଲି ସେ କହିଥିଲେ। ଆଲୋଚକ ଭାବେ ପ୍ରବକ୍ତା ଦୟାନିଧି ତ୍ରିପାଠୀ, ନିର୍ମଳା ଫତେସିଂହ, ପଣ୍ଡିତ ବିପିନ ବିହାରୀ ମିଶ୍ର, ଭାଷ୍ୟକାର ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇ ଭାଗବତର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆମ ଜୀବନ ଚର୍ଯ୍ୟାରେ ଭାଗବତର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଜନ୍ମ ପୂର୍ବରୁ ମୃତ୍ୟୁ ପରେ ମଧ୍ୟ ଭାଗବତର ପ୍ରାସଙ୍ଗିକତା ରହିଛି ବୋଲି ସେମାନେ କହିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡଃ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଏକାଡେମୀର ସଚିବ ଡଃ. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଓ ଭାଗବତ ଚିରକାଳ ଆମକୁ ଶାନ୍ତି ଓ ମୁକ୍ତି ପ୍ରଦାନର ମାଧ୍ୟମ ହୋଇ ଚାଲିଥିବ ବୋଲି କହିଥିଲେ। ଏକାଡେମୀର ସହ ସଚିବ ସଞ୍ଜୟ ଛୁଆଳସିଂ ପ୍ରାରମ୍ଭିକ ସୂଚନା ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସିଂହଦ୍ୱାର ଠାରେ ଆନୁଷ୍ଠାନିକ ପୂଜାର୍ଚ୍ଚନା ପରେ ଦୀପଦାନ କରାଯାଇଥିଲା। ପରେ ସଂକୀର୍ତ୍ତନ ଦଳ ମାନଙ୍କ ସହଯୋଗରେ ଏକ ଶୋଭାଯାତ୍ରା ସାତଲହଡି ମଠ ପର୍ଯ୍ୟନ୍ତ ଅଣାଯାଇଥିଲା। ମଠରେ ବଦ୍ରି ମିଶ୍ରଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା। ଶୋଭାଯାତ୍ରାରେ ଶ୍ରୀମନ୍ଦିର ମୁଖ୍ୟ ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ ଓ ଅନ୍ୟାନ୍ୟ ସୁରକ୍ଷା କର୍ମୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନାଚଘର ସମ୍ପାଦକ କୁମାର ଭୀମସେନ, ସାହିତ୍ୟିକ କୃଷ୍ଣ ଚନ୍ଦ୍ର ରଥ, ବିପିନ ବିହାରୀ ମହାନ୍ତି, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ରାମଚନ୍ଦ୍ର ସୁର, ବିଜୟ କୁମାର ପଣ୍ଡା, ସୁବାସ ଚନ୍ଦ୍ର ପରିଡା, ପ୍ରମୋଦ କୁମାର ପ୍ରଧାନ, ଦେବରାଜ ପ୍ରଧାନ, ପ୍ରଶାନ୍ତ କୁମାର ତ୍ରିପାଠୀ, ପ୍ରଭାକର ପ୍ରଧାନ, ଡଃ. ପ୍ରମୋଦ କୁମାର ଆଚାର୍ଯ୍ୟ ବିଭିନ୍ନ ସଂକୀର୍ତନ ମଣ୍ଡଳୀର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

# ଆଇନ ସଚେତନତା ଶିବିର ଅନୁଷ୍ଠିତ

ଜୟପୁର, ୨/୦୯ (ନି.ପ୍ର): ସରକାରୀ ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ଶିବିର ପ୍ରଦିପ କୁମାର ମହନ୍ତ, ଜିଲ୍ଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଆଜି ପୋକ୍ସ ଆଇନ ଏବଂ ଏସିଡି ଆକ୍ରମଣ ପ୍ରତିକାର ଏବଂ ନିରାକରଣ ବିଷୟବସ୍ତୁ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ପ୍ରଦ୍ୟୋମୟୀ ସୁଜତା ସଚିବ ତଥା ବିଚାରପତି ଜିଲ୍ଲା ଆଇନ ସେବାପ୍ରାଧିକରଣ, କୋରାପୁଟ-ଜୟପୁର ଯୋଗଦେଇଥିଲେ। ଅନ୍ୟ ଅତିଥିଗଣ ମଧ୍ୟରେ ଡଃ. ବି ଗାୟତ୍ରୀ ଦେବୀ ସ୍ପେସିଆଲ ପି.ପି. ଡଃ. ସୁସନ୍ଧ୍ୟା ଦେବଦର୍ଶିନୀ ଜିଲ୍ଲା ଚିକିତ୍ସା ଅଧିକାରୀ ଇନଚାର୍ଜ କୋରାପୁଟ ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରିୟଦର୍ଶିନି ପରିଡା ଏବଂ ସହକାରୀ ଶିକ୍ଷୟତ୍ରୀ ବୃନ୍ଦ ଯୋଗଦେଇଥିଲେ। ଏସିଡ୍ ଆକ୍ରମଣ ପୀଡିତାଙ୍କୁ ମାଗଣା ଚିକିତ୍ସା ପ୍ରଦାନ ଏବଂ ଏସିଡ୍ ଆକ୍ରମଣ ପୀଡିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ। ତେଣୁ ରାଜ୍ୟଗୁଡ଼ିକୁ ଏସିଡ୍ ଆକ୍ରମଣ ମାମଲାର ତଦନ୍ତ, ବିଚାରକୁ ତ୍ୱରାନ୍ୱିତ କରିବା ଏବଂ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଣିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ପଡିବ। ଯେଉଁ ରାଜ୍ୟ/ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ଭିସିଏସ ଗଠନ କରିଛନ୍ତି କିମ୍ବା ଗଠନ କରିବା ପ୍ରକ୍ରିୟାରେ ଅଛନ୍ତି, ସେମାନଙ୍କୁ ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ପଡିବ ଯେଉଁଠାରେ ଏସିଡ୍ ଆକ୍ରମଣ ପୀଡିତାଙ୍କୁ ପରବର୍ତୀ ଯତ୍ନ ଏବଂ ପୁନର୍ବାସ ଖର୍ଚ୍ଚ ଭାବରେ ସମ୍ପୃକ୍ତ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଂଚଳ ଦ୍ୱାରା ଅତି କମରେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ।

## ଧନକଉଡା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୨/୦୯ (ନି.ପ୍ର): ସମ୍ବଲପୁର ଜିଲ୍ଲା ଧନକଉଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣି ଠାରେ ମୋଟ ୩୭ଟି ଆବେଦନ ଗ୍ରହଣ କରାଯାଇ ଥିଲା । ଯେଉଁଥିରୁ ୨୮ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୮ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା। ୨ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରା ଯାଇଥିଲା। ସିଏମଆରଏଫ ଅଧୀନରେ ଜଣଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଅଭିଯୋଗ ଶୁଣାଣି ଶେଷ ହେବା ପରେ ଜିଲ୍ଲାପାଳଙ୍କ ଅନୁମତି କ୍ରମେ ଜଣେ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ମଧୁବାବୁ ପେନସନ ଯୋଜନାର ଭିନ୍ନକ୍ଷମ ଭତାରେ ଅନ୍ତର୍ଭୁକ୍ତ କରାଯିବା ସହିତ ବ୍ଲାଇଣ୍ଡ ଷ୍ଟିକ୍ସ ପ୍ରଦାନ କରାଯାଇଥିଲା।

# ନୀଳଗିରିରେ ବହୁ ଆକାଂକ୍ଷିତ ନୂତନ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ଉଦ୍‌ଘାଟିତ



ନୀଳଗିରି , ୨/୯ (ନି.ପ୍ର): ନୀଳଗିରି ଅଞ୍ଚଳର ଗରୀବ ଜନତାଙ୍କୁ ନ୍ୟାୟଦେବା ଉଦ୍ଦେଶ୍ୟରେ ବହୁ ବୁଦ୍ଧିଜୀବୀ ଏବଂ ଆଇନଜୀବୀଙ୍କ ଦାବୀ ଶେଷରେ ପୂରଣ ହୋଇଛି । ମଙ୍ଗଳବାର ପୂର୍ବାହ୍ନ ୯.୪୫ସମୟରେ ନୀଳଗିରି ଦେୱାନି ଓ ଫୌଜଦାରୀ ଅଦାଲତ ପରିସରର ଉପର ମହଲାରେ ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଉଦଘାଟିତ ହୋଇଯାଇଛି । ଓଡ଼ିଶା ଉଚ୍ଚନ୍ୟାୟାଳୟର ମାନ୍ୟବର ମୁଖ୍ୟ ନ୍ୟାୟାଧିଶ ଶ୍ରୀ ହରିଶ ଟଣ୍ଡନ , ବାଲେଶ୍ୱର ପ୍ରଶାସନିକ ଜଜ୍ ତଥା ହାଇକୋର୍ଟ ଜଜ କୃଷ୍ଣରାମ ମହାପାତ୍ର ଏବଂ ଅନ୍ୟାନ୍ୟ ଜଜଙ୍କ ଉପସ୍ଥିତିରେ ଉକ୍ତ ଅଦାଲତକୁ ଭିଡିଓ କନଫରେନ୍ସିଂ ଜରିଆରେ ଉଦଘାଟନ କରିଥିଲେ। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବାଲେଶ୍ୱରର ଜିଲ୍ଲାଜଜ୍ ସତ୍ୟନାରାୟଣ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ନୀଳଗିରିର ଅତିରିକ୍ତ ଜିଲ୍ଲା ଓ ଦୌରଜଜ୍ ସ୍ରୋତସ୍ୱିନୀ କର, ସବଜଜ ସୁନନ୍ଦା ପ୍ରଧାନ, ଏସଡିଜେଏମ ମୋନାଲିସା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବାର ଏସୋସିଏସନ ର ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦେବେନ୍ଦ୍ର କୁମାର ପଣ୍ଡା, ଉପଖଣ୍ଡ ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସମ୍ପାଦକ କିଶୋର ଚନ୍ଦ୍ର ଦାସଙ୍କ ସମେତ ଉଭୟ ଓକିଲ ସଂଘର ସମସ୍ତ ଆଇନଜୀବି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଆଜିଠାରୁ ଉକ୍ତ ଅଦାଲତ କାର୍ଯ୍ୟକ୍ଷମ ହୋଇଥିଲା ବେଳେ ଆଗାମୀ ଦିନରେ ନୀଳଗିରି ଅଞ୍ଚଳର ସମସ୍ତ ଫୌଜଦାରୀ ଏବଂ ଦେୱାନୀ ମାମଲା ଗୁଡିକ ବାଲେଶ୍ୱର ପରିବର୍ତ୍ତେ ନୀଳଗିରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟରେ ବିଚାରହୋଇ ନ୍ୟାୟପ୍ରଦାନ କରାଯିବାକୁ ଥିବାରୁ ନୀଳଗିରିବାସୀ ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହିତ ରାଜ୍ୟସରକାର ଏବଂ ଉଚ୍ଚନ୍ୟାୟାଳୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଓସ୍ୱାସ ବ୍ୟବସ୍ଥାର ସୁଚାରୁ କାର୍ଯ୍ୟକାରିତା ପାଇଁ ତାଲିମ କାର୍ଯ୍ୟକ୍ରମ




ବାରିପଦା , ୨/୯ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଓସ୍ୱାସ ବ୍ୟବସ୍ଥାର ସୁଗମ କାର୍ଯ୍ୟକାରିତା ନିମନ୍ତେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ପାଇଁ ଆଭାସୀ ଜରିଆରେ ଅନଲାଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ୨ଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ସ୍ତରୀୟ ଅଧିକାରୀ ମାନେ ସମ୍ପୃକ୍ତ ବ୍ଲକ ଓସ୍ୱାନ ହଲରେ ଉପସ୍ଥିତ ରହି ଏହି ପ୍ରଶିକ୍ଷଣ ରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଓସ୍ୱାସ ବ୍ୟବସ୍ଥାର ଉପାଦେୟତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଆଗାମୀ ସମୟରେ ଜିଲ୍ଲାର ସମସ୍ତ ବିଭାଗର ଫାଇଲ କାର୍ଯ୍ୟ ଅନ ଲାଇନ ମାଧ୍ୟମରେ ବିଭିନ୍ନ ସ୍ତର ଦେଇ ଗତିଶୀଳ ହୋଇ ଅନୁମୋଦିତ ହେବ ଏବଂ ସମୟର ସଠିକ ଉପଯୋଗ ହୋଇ ପାରିବ ବୋଲି ଉଲ୍ଲେଖ କରିଥିଲେ। ଏହାପରେ ଭୁବନେଶ୍ୱରରୁ ଅନଲାଇନ ମାଧ୍ୟମରେ ଓସ୍ୱାସରେ ଫାଇଲର ପର୍ଯ୍ୟାୟକ୍ରମ ଗତିଶୀଳତା ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରାଯାଇଥିଲା। ଏହାପରେ ପ୍ରଶ୍ନ ଉତ୍ତର ସେସନରେ ମାଷ୍ଟର ଟ୍ରେନରଙ୍କ ଦ୍ୱାରା ବିଭିନ୍ନ ଅଧିକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖି ସନ୍ଦେହ ମୋଚନ କରିଥିଲେ। ଜିଲ୍ଲା ଇ- ଗଭର୍ନେନ୍ସ ର ପରିଚାଳିକା ଶ୍ରୀମତୀ ସେବତୀ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଜିର ତାଲିମ ଶିବିରରେ ବାରିପଦା ଓସ୍ୱାନ ହଲ ଠାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ କାର୍ଯ୍ୟାଳୟର ସହାୟକ ମାନେ ଯୋଗ ଦେଇଥିବା ବେଳେ ବ୍ଲକ ଓ ତହସିଲ ଅଧିକାରୀ ଓ ସହାୟକ ମାନେ ବ୍ଲକ ଓସ୍ୱାନରେ ଯୋଡି ହୋଇ ତାଲିମ ଗ୍ରହଣ କରିଥିଲେ।

## ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି: ସୁରେଶ ପୂଜାରୀ

ଭୁବନେଶ୍ୱର, ୨/୯ (ନି.ପ୍ର): ରାଜ୍ୟରେ ଲଗାତାର ବର୍ଷା କାରଣରୁ ବିଭିନ୍ନ ନଦୀର ଜଳସ୍ତର ବଢିଛି । ହେଲେ ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପାଣିପାଗ ବିଭାଗର ଆକଳନ ଅନୁସାରେ ୧ ରୁ ୫ ତାରିଖ ଲଘୁଚାପ ସୃଷ୍ଟି ହେବ । ଆଜି ସକାଳ ୫.୩୦ ରେ ବଙ୍ଗୋପ ସାଗରର ଉତ୍ତର ପଶ୍ଚିମ ଦିଗରେ ଲଘୁଚାପ ସୃଷ୍ଟି ହୋଇଛି । ଏହି କାରଣରୁ ଓଡ଼ିଶାର ୩୦ ଜିଲ୍ଲା ରେ ୪୦ରୁ ୪୫ କିମି ପବନ ସହ ବର୍ଷା ହେବ । ସେ କହିଛନ୍ତି ଯେ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁରଓ ଦେଓଗଡ ଜିଲ୍ଲା ପାଇଁ ୱାର୍ଣ୍ଣ ଜାରି ହୋଇଥିଲା । ଅଧିକ ବର୍ଷା ପାଇଁ ମାଲକାନଗିରି, ନୟାଗଡ, ବୌଦ୍ଧ, ସୋନପୁର, ବଲାଙ୍ଗୀର ପାଇଁ ୱାର୍ଣ୍ଣ ଥିଲା । ଆଗୁଆ ସତର୍କ ଥିଲା, ବର୍ଷା ପବନ ସବୁ ଜିଲ୍ଲା ରେ ହେଉଛି । ୮.୩୦ ସୁଦ୍ଧା ମାତ୍ର ୧୫ମିମି ବର୍ଷା ହୋଇଛି । କେନ୍ଦୁଝର ରେ ୨୧୫ ମିମି ବର୍ଷା ରେକର୍ଡ ହୋଇଛି । ବିଭିନ୍ନ ନଦୀର ଜଳ ପତନ ବଢ଼ିବାରେ ଲାଗିଛି କିନ୍ତୁ ବିପଦ ସଂକେତ ପାରି ହୋଇନାହିଁ । ହୀରାକୁଦ ବନ୍ଦ ରେ ପାଣି ସଂରକ୍ଷଣ କରାଯାଉଛି ଗେଟ ଖୋଲା ଯାଇନାହିଁ । ମହାନଦୀ ରେ ବିପଦ ନାହିଁ । ବୁଢାବଲଙ୍ଗ ରେ ୱାର୍ଣ୍ଣି ଲେବଲ ବଢୁଛି, ଜାଲକା ରେ ବଢୁଛି । ୨ ଟି ଜିଲ୍ଲା ବାଲେଶ୍ୱର ଓ ମାଲକାନଗିରି ବ୍ୟାପକ ପ୍ରଭାବିତ ହୋଇଛି । ମାଲକାନଗିରି ରେ ବ୍ୟାପକ ବର୍ଷା ଯୋଗୁଁ ୨ ଟି ବ୍ରିଜ ଉପରେ ପାଣି ଯାଉଛି । ବାଲେଶ୍ୱର ରେ ପ୍ରଭାବିତ ହୋଇଛି। ଆଗାମୀ ୫ ତାରିଖ ପର୍ଯ୍ୟନ୍ତ ବର୍ଷା, ପବନ ହେବ । ରିଲିଫ ସେଂଟର କୁ ଆଣିବା ସ୍ଥିତି ଉପନ୍ନ ହୋଇନାହିଁ । ରିଲିଫ ପ୍ରସ୍ତୁତ ଅଛି। ଗାଁ ଛାଡି ରିଲିଫ ସେଂଟର କୁ ଆସନ୍ତୁ ସମସ୍ତ ସୁବିଧା ଦିଆଯିବ। କ୍ଷତି ଗ୍ରସ୍ତ ହେଲେ ସରକାର କ୍ଷତି ପୂରଣ ଦେବା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

## ଭିସୁଟ ଛାତ୍ରଙ୍କ ସନ୍ଦେହ ଜନକ ମୃତ୍ୟୁ: ତଦନ୍ତ ପରେ ଖୋଲିବ ଗୁମର

ସମ୍ବଲପୁର, ୨/୯ (ନି.ପ୍ର): ବୁର୍ଲା ନିକଟସ୍ଥ ପାୱାର ପ୍ୟାନେଲ(ପିସି) ବ୍ରିଜରୁ ଖସିପଡ଼ି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଜନୈକ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି। ମୃତକ ଭିସୁଟ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ଶେଷ ବର୍ଷ ଛାତ୍ର ଯାଜପୁରର ଅଞ୍ଜନେୟ ଦାସ ବୋଲି ଚିହ୍ନଟ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ସେ ଉକ୍ତ ବ୍ରିଜକୁ ଯାଇଥିଲେ। ବ୍ରିଜରୁ ଖସିଯିବା ପରେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ଭିମସାରରେ ଭର୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି । ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି ବୋଲି ଭିସୁଟ କର୍ତ୍ତୃପକ୍ଷ ଓ ଥାନା ସୂତ୍ରରୁ କୁହାଯାଇଛି। ତେବେ ଛାତ୍ରଙ୍କ ଏଭଳି ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଭିନ୍ନ ସନ୍ଦେହ ଘନିଭୂତ ହୋଇଛି । ଛାତ୍ର ଜଣକ ବ୍ରିଜ ନିକଟକୁ କେତେବେଳେ ଯାଇଥିଲେ, ସେ ଏକାକୀ ଯାଇଥିଲେ ନା ତାଙ୍କ ସହ ଆଉ ଥିଲେ, କେଉଁ ପରିସ୍ଥିତିରେ ସେ ବ୍ରିଜ ଉପରୁ ଖସିପଡ଼ିଲେ ଏହି ଘଟଣାକୁ ଯେତିକି ସନ୍ଦେହ ଭିତରକୁ ଟାଣି ନେଉଛି ତା'ଠାରୁ ଅଧିକ କିଏ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରାଇଲେ ? ତେବେ ଘଟଣାର ତଦନ୍ତ ସରିବା ପରେ ଏହା ଦୁର୍ଘଟଣା, ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟା ତାହା ସ୍ପଷ୍ଟ ହୋଇପାରିବ ।

# କଟକରେ ମୈତ୍ରେୟୀ ଲେଖିକା ସଙ୍ଗଠନର ବନ୍ଧୁମିଳନ ଓ ନୂଆଖାଇ ଭେଟଘାଟ



କଟକ, ୨/୯ (ନି.ପ୍ର): ମୈତ୍ରେୟୀ ଲେଖିକା ସଙ୍ଗଠନ ପ୍ରଥମକରି ଭୁବନେଶ୍ୱର ବାହାରେ, କଟକର ( ଗାନ୍ଧୀଭବନ) ଠାରେ ଗତକାଲି ମୈତ୍ରେୟୀ ବନ୍ଧୁମିଳନ ଓ ଗଳ୍ପ, କବିତା ସହ କାହାଣୀ କଥନର ଆସର ଆୟୋଜନ କରିଥିଲା ଯାହା ଖୁବ୍ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। କଟକ, ଭୁବନେଶ୍ୱର ଓ ପାଖାପାଖି ରହୁଥିବା ମୈତ୍ରେୟୀଙ୍କ ବ୍ୟତୀତ ଯାଜପୁର, ମାହାଙ୍ଗା, ପୁରୀ, ବଲାଙ୍ଗୀର ପାଟଣାଗଡ଼, କାଂଶବାହାଲ, ଭଞ୍ଜନଗରରୁ ମଧ୍ୟ ମୈତ୍ରେୟୀ ଭଉଣୀମାନେ ଯୋଗଦେଇ ସ୍ୱରଚିତ ଅଣୁଗଳ୍ପ, ଗଳ୍ପ ଓ କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ଡକ୍ଟର ସୁଷମା ମିଶ୍ର ସୁଷମା ମିଶ୍ର ସଭାପତିତ୍ୱ କରିବା ସହିତ ତାଙ୍କ ଅଭିଭାଷଣରେ ସାହିତ୍ୟ କିପରି ସମ୍ପର୍କ ଯୋଡ଼ିଦେବାର ମାଧ୍ୟମ ପାଲଟିଛି, ସେଇ ବିଷୟରେ ଆଲୋକପାତ କରିଥିଲେ। ପାଞ୍ଚ ଆଙ୍ଗୁଠି ଅଲଗା ଅଲଗା ନୁହେଁ, ଏକାଠି ଯୋଡ଼ି ମୁଠି ବନେଇବାରେ ଆମର ଏକତା ଓ ସହାବସ୍ଥାନ ସମ୍ଭବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସାଧାରଣ ସମ୍ପାଦିକା ଶ୍ରୀମତୀ ଲକ୍ଷ୍ମୀ ଚାନ୍ଦ ଏକ ସୁନ୍ଦର ଗଳ୍ପର ଅବତାରଣା କରି ଗଳ୍ପଗଠନର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ସଙ୍ଗୀତ , ଅଭିନୟ ଇତ୍ୟାଦି ମାଧ୍ୟମରେ ମୈତ୍ରେୟୀ ଲେଖିକା ସଙ୍ଗଠନର ସଦସ୍ୟାମାନେ ନିଜର ବହୁମୁଖୀ ପ୍ରତିଭାର ପରିଚୟ ଦେଇଥିଲେ। ମୌସୁମୀ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଏବଂ ବିଜୟ ଲକ୍ଷ୍ମୀ ନାୟକ, ବିଜନ ବାଳା ପାଟଯୋଷୀ ପ୍ରମୁଖ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ସୁଚିସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ପତ୍ରକାର ସଂଘ ବାଲେଶ୍ୱର ଶାଖାର ପ୍ରଥମ ବାର୍ଷିକ ସମ୍ମିଳନୀ ୨୦୨୫




ବାଲେଶ୍ୱର , ୨/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଓଡ଼ିଶା ପତ୍ରକାର ସଂଘ ବାଲେଶ୍ୱର ଶାଖାର ଆତିଥ୍ୟ ଭବନରେ ସଭାପତି ବାସୁଦେବ ରାହୁଳ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ସଭା ମଞ୍ଚରେ ମୁଖ୍ୟ ଅତିଥି ଭାବେ ପ୍ରେସ ଇମପ୍ରେସ କ୍ଲବରେ ସଭାପତି ଉଜ୍ଜଳ ଚନ୍ଦ୍ର କର ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ରାଜ୍ୟ ପତ୍ରକାର ସଂଘର ସଭାପତି ଅବିନାଶ ମିଶ୍ର ଓ ରାଜ୍ୟ ଉପସଭାପତି ହର ପ୍ରସାଦ ଦାସ , ରାଜ୍ୟ କୋଷାଧକ୍ଷ କିଶୋର ରଥ ଯୋଗ ଦେଇଥିଲେ । ବାଲେଶ୍ୱର ପତ୍ରକାର ସଂଘର ସାଧାରଣ ସମ୍ପାଦକ ମିଶ୍ର ବନ୍ଧୁ ପଲେଇ , କୋଷାଧକ୍ଷ ମହେଶ୍ୱର ପ୍ରଧାନ ମଞ୍ଚାସିନ ଥିଲେ । ଗଗନ ଚନ୍ଦ୍ର ସେଠୀ ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଉଜ୍ଜଳ ଚନ୍ଦ୍ର କର ତାଙ୍କ ବକ୍ତବ୍ୟରେ କହିଲେ ସାମ୍ବାଦିକ ମାନେ ନିଜକୁ ଏକା ବା ଦୁର୍ବଳ ମନେ କରିବା ଉଚିତ୍ ନୁହେଁ। କିମ୍ବା ଭାର୍ଗି ପଡ଼ିବା ଉଚିତ୍ ନୁହେଁ । କିମ୍ବା ଭାର୍ଗି ପଡ଼ିବା ଉଚିତ୍ ନୁହେଁ ଯେହେତୁ ସାମ୍ବାଦିକ ହାତରେ କଲମଟି ଅଛି । ସେହି କଲମ ସାମ୍ବାଦିକ ର ବନ୍ଧୁ ଭାବିବା ଉଚିତ୍ । ସାମ୍ବାଦିକ ମାନେ ଏକତା ରହିବା ଦ୍ୱାରା ଜନସାଧାରଣ ଉପକାର ହେବା ସଙ୍ଗେ ସଙ୍ଗେ ନିଜର ସାମର୍ଥ୍ୟ ବୃଦ୍ଧିପାଏ । ସାଧାରଣ ସମ୍ପାଦକ ମିତ୍ର ବନ୍ଧୁ ପଲେଇ କହିଲେ ସାମ୍ବାଦିକ ଲୋକଙ୍କ ର ସେବା ମନ ବୁଦ୍ଧି ନେଇ କାର୍ଯ୍ୟ କରିବା ଦରକାର । ସଭାପତି ବାସୁଦେବ ରାହୁଳ ପ୍ରଥମେ ବାର୍ଷିକ ସମ୍ମିଳନୀରେ ସଂଘର ସମସ୍ତ ସଭ୍ୟ ସଭ୍ୟା ବୁଦ୍ଧିଜୀବୀ ଆଇନ ଜିବି ବହୁଳ ଭାବରେ ଉପସ୍ଥିତ ଥିବାରୁ ଧନ୍ୟବାଦ୍ ଦେଇଥିଲେ। ରାଜ୍ୟ ସଭାପତି ତାଙ୍କ ବକ୍ତବ୍ୟରେ ବାଲେଶ୍ୱର ପତ୍ରକାର ସଂଘର ଉତ୍ତରା ଉତ୍ତର ଉନ୍ନତି କାମନା କରିଥିଲେ । ଶେଷରେ ସାମ୍ବାଦିକ କବି ମୁଧୁସୁଦନ୍ ମିଶ୍ର ଧନ୍ୟବାଦ ଦେଇ ସଭା କାର୍ଯ୍ୟ ଶେଷ କରିଥିଲେ। ସମସ୍ତ ସାମ୍ବାଦିକ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ରେମୁଣା ବିଧାୟକଙ୍କ ପାଳସିଆ ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ

ରେମୁଣା, ୨/୯ (ନି.ପ୍ର): ମଙ୍ଗଳବାର ସକାଳ ୧୧ ଘଟିକା ସମୟରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ଅଞ୍ଚଳ ବାସୀଙ୍କ ସହିତ କଲ୍ୟାଣପୁର ପଞ୍ଚାୟତ ସ୍ଥିତ ପାଳସିଆ ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ହସ୍ପିଟାଲରେ ସ୍ଥାନୀୟ ଲୋକେ ଯେମିତି ଚିକିତ୍ସାରୁ ଅବହେଳିତ ନ ହୁଅନ୍ତୁ ଚିକିତ୍ସିତ ହୋଇପାରିବେ ସେ ନେଇ କାର୍ଯ୍ୟରତ ଡାକ୍ତରଙ୍କ ହସ ଆଲୋଚନା କରିଥିଲେ। ଏହି ଅବସରରେ ରେମୁଣା ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ମଣ୍ଡଳ ସଭାପତି ବିବେକ ବିକାଶ ରାଉତ, କାର୍ତ୍ତିକ ଚନ୍ଦ୍ର ସାହୁ, ଶିବ ନାରାୟଣ ଦାସ, ଲକ୍ଷ୍ମୀ ନାରାୟଣ ଗିରି, ଲୋକନାଥ ଓଝା, ପାର୍ଥିବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କଂଗ୍ରେସ-ଆରଜେଡି ଉପରେ...

ପିଲାମାନଙ୍କୁ ବହୁତ କଷ୍ଟ କରି ପାଳିଥାଏ । ପିଲାମାନଙ୍କଠାରୁ ବଡ଼ ମାଆ ପାଇଁ କିଛି ନଥାଏ । ମୁଁ ମଧ୍ୟ ପିଲାଦିନରୁ ମୋ ମାଆଙ୍କୁ ଏମିତି ହିଁ ଦେଖିଛି । ସେ ବହୁତ ଗରିବୀରେ ଏବଂ କଷ୍ଟ ସହି ନିଜ ପରିବାରକୁ ଆମ ସବୁ ଭାଇଭଉଣୀଙ୍କୁ ପାଳିଛନ୍ତି । ବର୍ଷା ଦିନ ଆସିବା ପୂର୍ବରୁ ମାଆ ଏହି ପ୍ରୟାସରେ ଲାଗିପଡୁଥିଲେ ଯେ ଛାତ ନ ଟପୁ । ତାଙ୍କ ପିଲାମାନେ ଶାନ୍ତିରେ ଶୋଇପାରିବେ । ସେ ଅସୁସ୍ଥ ହେଉଥିଲେ ବି ଜଣାପଡିବାକୁ ଦେଉନଥିଲେ । ସେ ପ୍ରତିଦିନ କାମ କରୁଥିଲେ । ସେ ଜାଣିଥିଲେ ଯେ ଯଦି ସେ ଦିନେ ବି ଆରାମ କରିବେ ତ ଆମ ପିଲାମାନଙ୍କୁ ଦୁଃଖ ସହିବାକୁ ପଡିବ । କଠିନତା ବିଷୟରେ ସେ ମୋ ବାପାଙ୍କୁ ମଧ୍ୟ ଜଣାପଡିବାକୁ ଦେଉନଥିଲେ । ସେ ନିଜ ପାଇଁ କୌଣସି ନୂଆ ଶାଢ଼ୀ ମଧ୍ୟ କିଣୁନଥିଲେ । ସେ ଏକ ଏକ ପଇସା ଜମା କରୁଥିଲେ ଯାହାଫଳରେ ପିଲାମାନଙ୍କ ପାଇଁ ଏକ ଯୋଡ଼ା ପୋଷାକ ତିଆରି କରିପାରିବେ । ଦେଶର କୋଟି କୋଟି ମାଆ ଏମିତି ହିଁ ପିଲାମାନଙ୍କୁ ପାଳିଥାନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିହାର ରାଜ୍ୟ ଜୀବିକା ନିଧି କ୍ରେଡିଟ କୋ-ଅପରେଟିଭ ଫେଡେରେସନ ଲିମିଟେଡର ଉଦଘାଟନ କରିଥିଲେ। ଏହି ସମୟରେ ସେ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କ ଖାତାକୁ ୧୦୫ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ସେ ବିହାରର ଦରଭଙ୍ଗାଠାରେ କଂଗ୍ରେସ-ଆରଜେଡିର ମଞ୍ଚରୁ ହୋଇଥିବା ତାଙ୍କ ମାଆଙ୍କ ଅପମାନର ପ୍ରସଙ୍ଗ ଉଠାଇଥିଲେ ।

### ଟିଚର ଏଲିଜିବିଲିଟି ଟେଷ୍ଟ ...

୨୦୧୧ ଜୁଲାଇ ପରଠୁ ଶିକ୍ଷକମାନେ ଏଲିଜିବିଲିଟି ଟେଷ୍ଟ ଦେଇ ଚାକିରି କରିଛନ୍ତି। ପୂର୍ବରୁ ଏଭଳି ବ୍ୟବସ୍ଥା ନଥିଲା। ବର୍ତ୍ତମାନ ନିଷ୍ପତ୍ତିର ତର୍ଜମା ପରେ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ କହିଛି। ଶିକ୍ଷାଦାନ ପାଇଁ ଟିଇଟି ବାଧ୍ୟତାମୂଳକ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିଲେ ତାମିଲନାଡୁ ଓ ମହାରାଷ୍ଟ୍ର ସମେତ ବିଭିନ୍ନ ଶିକ୍ଷକ ସଂଘ। ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଟିଇଟି) ଏକ ଜାତୀୟସ୍ତରୀୟ ଯୋଗ୍ୟତା ପରୀକ୍ଷା। ଏହାକୁ ୨୦୧୦ରେ ଅନିର୍ବାଜ୍ୟ କରିଥିଲା ନ୍ୟାସନାଲ୍ କାଉନସିଲ୍ ଫର୍ ଟିଚର ଏଜୁକେସନ୍, ଏନସିଟିଇ। ଯେଉଁଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସରକାରୀ ଶିକ୍ଷକଙ୍କ ପାଇଁ ଟିଇଟି ପାସ କରିବା ବାଧ୍ୟତାମୂଳକ କରାଯାଇଥିଲା। ଏନସିଟିଇ ନିଷ୍ପତ୍ତି ବିରୋଧରେ କୋର୍ଟରେ ଦାୟର ହୋଇଥିଲା ପିଟିସନ୍। ପୂର୍ବରୁ ଚାକିରିରେ ଥିବା ଶିକ୍ଷକଙ୍କ ଉପରେ ଟିଇଟି ଲାଗୁ କରିବାକୁ ବିରୋଧ କରିଥିଲେ ଆବେଦନକାରୀ। ତେବେ ରାଜ୍ୟ କର୍ତ୍ତୃପକ୍ଷ ଏହାକୁ ଗୁଣାତ୍ମକ ମାନଦଣ୍ଡ ଭାବରେ ସମର୍ଥନ କରିଥିଲେ। ଏବେ ସୁପ୍ରିମକୋର୍ଟ ଚାକିରିରେ ରହିବା ଓ ପ୍ରମୋସନ୍ ପାଇଁ ଟିଇଟିକୁ ବାଧ୍ୟତାମୂଳକ କରିଛନ୍ତି।

### ଓଡ଼ିଶାରେ ପ୍ରବୀଣ ...

ଆଜିଠୁ ୨ ଦିନ ଧରି ହେବାକୁ ଦେଶବ୍ୟାପୀ ସଂଗଠନର କର୍ମକର୍ତ୍ତା ବୈଠକରେ ଯୋଗଦେବେ। ତା'ସହ ନବରାତ୍ର ପୂଜା ପାଇଁ କନ୍ୟା ପୂଜା, ଶସ୍ତ୍ର ପୂଜା ସହିତ ସ୍କୁଲ କଲେଜରେ ମହିଳାମାନଙ୍କୁ ଆତ୍ମରକ୍ଷା କୌଶଳ, ଗୋହତ୍ୟା ନିରୋଧ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ ପ୍ରବୀଣ ତୋଗାଡିଆ।

### ମଧ୍ୟବିତ୍ତଙ୍କ ଉପରେ...

ମହଙ୍ଗା ଆସନ୍ତୁ ନଜର ପକାଇବା। ସମାପ୍ତ ହୋଇପାରେ ଜିଏସଟିର ୧୨ % ଓ ୨୮% ସ୍ଲାବ। ରହିପାରେ ୫%, ୧୮% ଓ ୪୦% ସ୍ଲାବ। ୧୨ % ସ୍ଲାବରେ ଥିବା ୯୯% ସାମଗ୍ରୀ ଓ ସେବା ୫% ସ୍ଲାବରେ ଆସିପାରେ। ୨୮% ସ୍ଲାବରେ ଥିବା ୯୦% ସାମଗ୍ରୀ ଓ ସେବା ୧୮% ସ୍ଲାବରେ ଆସିପାରେ। ୧୭୫ ସାମଗ୍ରୀର ଜିଏସଟି ଦର ହ୍ରାସ ହେବା ସମ୍ଭାବନା। ସ୍ୱାସ୍ଥ୍ୟ ଓ ଜୀବନ ବୀମାର ପ୍ରିମିୟମରୁ ହଟିପାରେ ଜିଏସଟି। ଟିଭି, ଏସି, ଫ୍ରିଜ, ୱାଂଶି ମେସିନ, ସିମେଣ୍ଟ ହୋଇପାରେ ଶସ୍ତା। ହୋଟେଲ ବିଲ ଉପରୁ ହଟିପାରେ ଜିଏସଟି। କପଡା, ପୋଷାକ, ଜୋତା, ଚପଲ, ଷ୍ଟେସନାରୀ ଆଇଟମ୍, ଘରକରଣା ଜିନିଷ ହୋଇପାରେ ଶସ୍ତା। ଦୁଇ ଚକିଆ ଯାନ, କାର, ଘର ନିର୍ମାଣ ସାମଗ୍ରୀ ହୋଇପାରେ ଶସ୍ତା। ପ୍ରଶାଧନ ସାମଗ୍ରୀ, ଗୁଟଖା ଓ ମାଦକ ଦ୍ରବ୍ୟ ହୋଇପାରେ ମହଙ୍ଗା। ଏହା ଉପରେ ଲାଗିପାରେ ୪୦% ଜିଏସଟି।

### ଓଡ଼ିଶାରେ ବଢ଼ିବ ଜିଲ୍ଲା ...

ରାଜ୍ୟରେ ନୂଆ ଜିଲ୍ଲା ଗଠନ ଦାବି ବେଶ୍ ପୁରୁଣା । ପୂର୍ବ ସରକାର ସମୟରେ ୨୮ ନୂଆ ଜିଲ୍ଲା ପାଇଁ ଦାବି ହୋଇଥିଲା । ପଦ୍ମପୁରକୁ ଜିଲ୍ଲା ମାନ୍ୟତା ପ୍ରତିଶ୍ରୁତି ପରେ ଅନ୍ୟ ଅଞ୍ଚଳରେ ତେଜିଥିଲା ପ୍ରତିବାଦ । ହାଇକୋର୍ଟଙ୍କ ଛାଟ ବାଜିବା ପରେ ଜିଲ୍ଲା ଘୋଷଣାରେ ଲାଗିଥିଲା ବ୍ରେକ୍ । ଏବେ ବିଜେପି ସରକାର ନୂଆ ଜିଲ୍ଲା ପାଇଁ ଅଣ୍ଟା ଭିଡୁଥିବା ବେଳେ ହାଇକୋର୍ଟଙ୍କ ଅନୁମତି ନେଇଛନ୍ତି କି? ନୂଆ ଏନ୍ଏସି ଓ ମ୍ୟୁନିସିପାଲିଟି ମୁଆଁ ଖୁଆଇ ନୂଆ ଜିଲ୍ଲା ଦାବିକୁ କିଛି ମାତ୍ରାରେ ପ୍ରଶମିତ କରିଛନ୍ତି ସରକାର । ହେଲେ ପ୍ରଶ୍ନ ଉଠୁଛି, ନୂଆ ଜିଲ୍ଲା ଗଠନ କେବେ କରିବେ ସରକାର ?

### ଦେଶକୁ ମିଳିଲା ଓଡ଼ିଶା...

ମୁହୂର୍ତ୍ତରେ ଓଡ଼ିଶା ଭାଗୀଦାର ହୋଇପାରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ବଡ଼ ସମ୍ଭାବନା ରହିଛି । ଭୁବନେଶ୍ୱରରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି କରିଛି । ଏଥିପାଇଁ ୧ ହଜାର ୯୪୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

### ପଞ୍ଜାବରେ ହାଇଡ୍ରାମା...

ତାଙ୍କୁ ଗିରଫ କରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି । ଶେଷରେ ବିଧାୟକ ହରମିତ ପଠାନମାଜରାଙ୍କୁ ପୁଲିସ ଗିରଫ କରିବାରେ କଫଳ ହୋଇଛି । ପୂର୍ବରୁ ମାଜରା ରାଜ୍ୟ ସରକାରଙ୍କୁ ବନ୍ୟା ପରିଚାଳନା ନେଇ ସମାଲୋଚନା କରି ବିବାଦରେ ଥିଲେ ।

### ମନ୍ତ୍ରିମଣ୍ଡଳ ସଂପ୍ରସାରଣ ...

କରିବା ଜାଣେ ଉପର କଥା ଜାଣେ ନାହିଁ। ବରିଷ୍ଠ ଅଭିଜ୍ଞ ର କୌଣସି ମୂଲ୍ୟ କିଛି ନାହିଁ। ରାଜନୀତିରେ ଏହାର ମୂଲ୍ୟ କିଛି ନାହିଁ। ଦଳ ପାଇଁ ନିଷ୍ଠାର ସହ କାମ ଏବଂ କେସ ଖାଇବା ଏହା ମୂଲ୍ୟହୀନ। ଏସବୁର କିଛି ଗୁରୁତ୍ୱ ନଥାଏ। ମୋ ପାଇଁ ସରକାର ଆସିଛି କି କାହା ପାଇଁ ଆସିଛି ସେକଥା କିଏ ଜାଣେ। ଲୋକେ ନିଷ୍ପତ୍ତି ନେବେ। ମୁଁ ଦାବି କରିପାରିବି ନାହିଁ, ଅନେକ ଲୋକ କହୁଛନ୍ତି ତାଙ୍କ ପାଇଁ ସରକାର ଆସିଛି ତାହାକୁ ଆମେ ସ୍ୱୀକାର କରୁଛୁ ବୋଲି ସେ କହିଛନ୍ତି ।

### ଚନ୍ଦ୍ର ଗ୍ରହଣ...

ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ କରାଯିବାକୁ ଅନେକ ଦିନରୁ ଯୋଜନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ ତଳେ ଶୀତତାପ ନିୟନ୍ତ୍ରିତ ଏକ ଗୃହରେ ଏକକାଳୀନ ୪ ମହିଳା ଶିଶୁଙ୍କୁ ସ୍ତନ୍ୟପାନ କରିବାର ବ୍ୟବସ୍ଥା ହୋଇଛି। ମା'ମାନଙ୍କୁ ସହାୟତା କରିବା ପାଇଁ ୨ ମହିଳା ଜେଟିପିଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ଏହା ବ୍ୟତୀତ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ମଧ୍ୟ ସ୍ତନ୍ୟପାନ ଗୃହର ଆବଶ୍ୟକତା ରହିଛି ବୋଲି ଭକ୍ତ କହିଛନ୍ତି।

**OFFICE OF THE SUPERINTENDING ENGINEER**
**BALASORE (ROADS & BUILDINGS ) DIVISION-II**
**AT/PO- BHASKARGANJ, BALASORE**

**B-483**

**CONTACT NO :- 06782-263149**
**E Mail ID :- eepwdbls2@gmail.com**

No.: 5763 Date:-02-09-2025

**1st Corrigendum Notice**

The tender invited for the work vide this office Bid Identification No. SE (R and B) BLS-II- 17/ 2025-26 at Sl No.1 to Sl No. 07 is hereby extended to dt. due to some unavoidable reasons.

1. The Bid documents will be available in the website :www.tendersorissa.gov.in from 10.00 Hours of 06.09.2025 to 16.00 Hours of 12.09.2025 for Online Bidding.
2. Bids shall be received only on "On line" on or before to 16.00 Hours of 12.09.2025.
3. Bids received online shall be opened at 16.30 Hours of 12.09.2025.

All other terms & conditions of the DTCN shall remain unchanged.

**Superintending Engineer**
**Balasore(R&B)Division-II**

**OIPR: 34155/11/0030/2526**

## ଆନ୍ତଃ କ୍ଲବ ନାଟକ ମହୋତ୍ସବରେ ଇଫ୍‌କୋ ଲେଡ଼ିଜ କ୍ଲବର ବଡ଼ ସଫଳତା

ପାରାଦୀପ, ୨/୯ (ନି.ପ୍ର): ପାରାଦୀପର ଜୟଦେବ ସଦନଠାରେ ଗତ ଅଗଷ୍ଟ ୩୦ ତାରିଖରେ ମାନନୀୟ ମହିଳା ସମାନତା ଦିବସ ନାଟକ ମହୋତ୍ସବ ଦ୍ୱାରା ଆୟୋଜିତ ଆନ୍ତଃ କ୍ଲବ ନାଟକ ପ୍ରତିଯୋଗିତାରେ ଇଫକୋ ର ଜ୍ୟୋତି ଲେଡ଼ିଜ କ୍ଲବ ଉଚ୍ଚ କୋଟିର ପ୍ରତିଭା ପ୍ରଦର୍ଶନ କରି ସଫଳତା ଅର୍ଜନ କରିଛି । ସୃଜନଶୀଳତା ଓ ଦଳଗତ ଭାବେ ଚମତ୍କାର ନାଟକ ପ୍ରଦର୍ଶନରେ କ୍ଲବ ଅନେକ ପୁରସ୍କାର ହାସଲ କରିଛି। ଶ୍ରେଷ୍ଠ ନାଟକ, ପୋଷାକ, ଅଭିନେତ୍ରୀରେ ଦୁଇଟି, ସହାୟକ ଅଭିନେତା ପୁରସ୍କାର ସହ, କ୍ରୀଡା ଚମ୍ପିୟନ ଟ୍ରଫି ଏବଂ ମାନନି ଚମ୍ପିୟନ ଟ୍ରଫିହାସଲ କରି ଜ୍ୟୋତି ଲେଡ଼ିଜ କ୍ଲବ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି । ଏହି ସଫଳତା କ୍ଲବର କଳାତ୍ମକ ପ୍ରତିଭାକୁ ପ୍ରକାଶ କରିବା ସହିତ ସେମାନଙ୍କର କ୍ରୀଡା ମନୋଭାବ ଏବଂ ଦଳଗତ କାର୍ଯ୍ୟକୁ ପ୍ରକାଶ କରେ । କ୍ଲବର ସଭାନେତ୍ରୀ ସନ୍ଦୀପା ସୁଚରିତା ରଥ ଓ ସମ୍ପାଦିକା ଲିପିକା ଦଳାଇଙ୍କ ଦକ୍ଷ ନେତୃତ୍ୱ ଏବଂ ସମସ୍ତଙ୍କ ପୂର୍ଣ୍ଣ ସମର୍ଥନରେ ଏହି ସଫଳତା ସମ୍ଭବ ହୋଇପାରିଛି ।



# ଗଗନଧୂଳି ସମବାୟ ସମିତି ପରିଚାଳନା ବୋର୍ଡର ସାମ୍ବାଦିକ ସମ୍ମିଳନୀ

■ଅଧିକ ଦରରେ ସାର ବିକ୍ରୀକୁ ଖଣ୍ଡନ
■ବଦନାମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



ଖଇରା, ୨/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଗନଧୂଳି ସେବା ସମବାୟ ସମିତି ଅଧିକ ଦାମରେ ଜୈବ ସାର ବିକ୍ରି କରୁଥିବା ନେଇ ଅଭିଯୋଗ ପରେ ପରିଚାଳନା ବୋର୍ଡ ତରଫରୁ ଏହାକୁ ଖଣ୍ଡନ କରାଯାଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ପରିଚାଳନା ବୋର୍ଡ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ହରେକୃଷ୍ଣ ଶତପଥି ନିର୍ଦ୍ଦିଷ୍ଟ ସାର ବିକ୍ରି ପାଇଁ ଜିଲା ସହକାରୀ ନିବନ୍ଧକଙ୍କ ଅନୁମତି, କିଣା ଯାଇଥିବା ଓ ବିକ୍ରି ହେଉଥିବା ବିଲ ଦେଖାଇବା ସହ ଜଣେ ହେଲେ ଚାଷୀଙ୍କର ଏହା ଉପରେ ଅଭିଯୋଗ ନଥିବା ପ୍ରକାଶ କରିଥିଲେ । ୧ହଜାର ୩୫୦ ଟଙ୍କାରେ କିଣା ଯାଉଥିବା ବେଳେ ପ୍ରିଣ୍ଟ ଦର ୧ହଜାର୬ଶହରେ ବିକ୍ରି କରାଯାଉଛି । ପରିବହନ ,ଲୋଡିଂ ଓ ଅନଲୋଡିଂ ଖର୍ଚ୍ଚ ବହନ ପରେ ଯାହା ବି ଲାଭ ରହୁଛି ଗତବର୍ଷର ସାର ବିକ୍ରିରେ ହୋଇଥିବା କ୍ଷତି ଭରଣା କରାଯାଉଛି । ସମିତି ବିରୋଧରେ ଅପପ୍ରଚାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖୁବଶିଘ୍ର ବୋର୍ଡ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶକ ନୃସିଂହ ସିଂ ପ୍ରକାଶ କରିଥିଲେ । କାରଣ ଗଗନଧୂଳି ସମିତି ଉତ୍ତମ ପ୍ରଦର୍ଶନ ପାଇଁ ଜିଲାରେ ଦ୍ୱତୀୟ ସ୍ଥାନ ଅଧିକାର କରିଥିବା ବେଳେ ଏଥିରେ ଇର୍ଷାନ୍ୱିତ ହୋଇ ଏଭଳି ଅଭିଯୋଗ କରାଯାଇଛି । ସାର ଯୋଗାଣକାରୀ କମ୍ପାନୀ ହରେକୃଷ୍ଣ ରଇସ ପ୍ରୋସେସିଂ ଏଣ୍ଡ ଏକ୍ସପୋର୍ଟର ଅଧିକାରୀ ଉପସ୍ଥିତ ରହି ଯୋଗା ଯାଇଥିବା ଏହି ଜୈବ ସାର ଗଗନଧୂଳି ସମେତ ଜିଲାର ୨୪ଟି ସମିତିକୁ ଯୋଗାଣ ହୋଇଛି । ବାହାରେ କେହି ଚାହିଁଲେବି କିଣିବାକୁ ପାଇବେ ନାହିଁ ବୋଲି କହିଥିଲେ । ସମ୍ପାଦକ ଗଗନ ବିହାରୀ ଜେନାଙ୍କ ସମେତ ସମିତି ର ଅନ୍ୟତମ ପ୍ରତିଷ୍ଠାତା ଲୋକନାଥ ପଣ୍ଡା ଓ ସମିତିର ବୋର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ ।

## ହୀରାକୁଦ ଜଳଭଣ୍ଡାରରୁ ୬ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୨/୯ (ନି.ପ୍ର): ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ହିରାକୁଦ ଜଳଭଣ୍ଡାରରୁ ୬ ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍‌ର ୪ଟି ଓ ଡାହାଣ ପାର୍ଶ୍ୱ ଡାଇକ୍‌ର ୨ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳପତନ ୬୨୬.୪୧ ଫୁଟ୍ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୬୭ ହଜାର ୧୨୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୬ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୩୩ ହଜାର ୫୧୯ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି । ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଆଜି ମଧ୍ୟାହ୍ନ ପରେ ପ୍ରଥମେ ୨ଟି ଏବଂ ସନ୍ଧ୍ୟାରେ ଆଉ ୪ଟି ସ୍ଲୁଇସ୍ ଗେଟ୍ ଖୋଲା ଯାଇଥିଲା ।

# ଶ୍ରୀହରି ଚରଣ ନାଥଙ୍କର ୩୧ତମ ଶ୍ରାଦ୍ଧବାର୍ଷିକୀ ପାଳନ



ବାଲିଆପାଳ , ୨/୯ (ନି.ପ୍ର): ସୁବର୍ଣ୍ଣରେଖା ମହାବିଦ୍ୟାଳୟ ରେପୂର୍ବତନ ପରିଚାଳନା କମିଟି ସଦସ୍ୟ ତଥା ମହାବିଦ୍ୟାଳୟ ପ୍ରତିଷ୍ଠା ରେ ସର୍ବଶ୍ରେଷ୍ଠ ସମ୍ପତି ଦାତା ଶ୍ରୀହରିଚରଣ ନାଥ ଙ୍କର ୩୧ ତମ ଶ୍ରାଦ୍ଧବାର୍ଷିକୀ ପାଳନ ହୋଇଯାଇଅଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ଗୌରାଙ୍ଗ ରାଉତଙ୍କ ଆହ୍ୱାନ କ୍ରମେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଅଧ୍ୟକ୍ଷ ସଭା ପରିଚାଳନା କରୁଥିବା ବେଳେ, ଶ୍ରୀହରିଚରଣ ନାଥ ଙ୍କର ପୁତ୍ର ମଧୁସୂଦନ ନାଥ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ଶ୍ରୀଯୁକ୍ତ ରଞ୍ଜନ କୁମାର ପାଢୀ ପ୍ରାରମ୍ଭିକ ଅଭିଭାଷଣ ତଥା ଅଥିତି ପରିଚୟ ପ୍ରଦାନ କରିଥିଲେ । ରସାୟନ ବିଜ୍ଞାନର ବିଭାଗୀୟ ମୁଖ୍ୟ ଶ୍ରୀମତୀ ଶାନ୍ତିଲତା ଗିରି ସ୍ୱର୍ଗତ ନାଥ ଙ୍କର ସ୍ମୃତିଚାରଣ କରିବା ସହିତ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା ରଖିଥିଲେ । ଶିକ୍ଷା ବିଭାଗ ର ବିଭାଗୀୟ ମୁଖ୍ୟ ଶଚୀନ୍ଦ୍ର ନାଥ ଦତ୍ତ , ଇଂରାଜୀ ବିଭାଗର ଅଧ୍ୟାପକ କାମିନୀ କାନ୍ତ ମହାନ୍ତି ଶ୍ରୀହରିଚରଣ ନାଥଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ସର୍ବଶେଷ ରେ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଣ୍ଡିଆ ଚେଞ୍ଜ ମେକର ୨୦୨୫ ଭାବେ ସୋଆ ଫ୍ୟାକଲ୍ଟି ମନୋନୀତ

ଭୁବନେଶ୍ୱର, ୨/୯ (ନି.ପ୍ର): ଶିକ୍ଷା, ଗବେଷଣା ଓ ସାମାଜିକ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଆସୋସିଏଟ୍ ପ୍ରଫେସର ଡକ୍ଟର ସ୍ୱୟଂପ୍ରଭା ଶତପଥୀଙ୍କୁ ଇଣ୍ଡିଆ ଚେଞ୍ଜ ମେକର ୨୦୨୫ ଭାବେ ମନୋନୀତ କରାଯାଇଛି । ଭାରତର ସର୍ବ ବୃହତ ଘରୋଇ ଷ୍ଟାର୍ଟ ଅପ୍ ବିଜିନେସ୍ ଟଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଚେଞ୍ଜ ମେକର ତାଲିକାରେ ତାଙ୍କ ନାମ ସ୍ଥାନ ପାଇଛି । ଇଂରାଜୀ ଭାଷା, ଗଣମାଧ୍ୟମ ଓ ଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଡକ୍ଟର ଶତପଥୀଙ୍କର ଗବେଷଣା ଏବଂ ସନ୍ଦର୍ଭ ପ୍ରକାଶନ କ୍ଷେତ୍ରରେ ମଧ୍ୟ ଦକ୍ଷତା ରହିଛି । ଶୈକ୍ଷିକ ଉତ୍କର୍ଷତା ସହିତ ମୂଲ୍ୟବୋଧ ଭିତିକ ଶିକ୍ଷା, ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶ ଏବଂ ନାରୀ-ପୁରୁଷ କ୍ଷେତ୍ରରେ ସମାନତା ଦିଗରେ ଡକ୍ଟର ଶତପଥୀ ଅନେକ କାର୍ଯ୍ୟ କରିଛନ୍ତି ।

# ସରକାରୀ ତେଲ ଚୋରୀ ଘଟଣା: ଧରାପଡ଼ିଲା ପରେ ଚେକ୍ ଦେଇ ଖସିଯିବାକୁ ଚକ୍ରାନ୍ତ



ନୀଳଗିରି , ୨/୯ (ନି.ପ୍ର): ନୀଳଗିରି- ଜଣେ ସରକାରୀ କର୍ମଚାରୀ ନୀଳଗିରି ଆଇ ଟି ଡି ଏ ଅଫିସରୁ ସରକାରୀ ଗାଡ଼ିରେ ଡିଜେଲ ବିଲ ନେଇ ଆମ୍ବଡିହା ସ୍ଥିତ ଶ୍ରୀ ପଞ୍ଚଲିଙ୍ଗେଶ୍ୱର ପେଟ୍ରୋଲ ପମ୍ପରେ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟ ନିଜ ଗାଡିରେ ପେଟ୍ରୋଲ ପକାଇବା ଓ ଅବଶିଷ୍ଟ ପେଟ୍ରୋଲକୁ ଯନ୍ତ୍ରୀ ଜାର୍କିନ୍ ରେ ପୁରାଇ ଘରକୁ ନେଉଥିବାର ଦୃଶ୍ୟ ସିସି ଟିଭିରେ ଧରାପଡ଼ିବା ପରେ ଯନ୍ତ୍ରୀଙ୍କ ସରକାରୀ ତେଲଚୋରି ଖବର ସାରା ରାଜ୍ୟରେ ଶିରୋନାମା ପାଲଟିଥିଲା । ତେଲ ଚୋରିର ସତ୍ୟକୁ ନେଇ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାୟୀତ୍ୱ ଦିଆଯିବା ପରେ ପ୍ରକଳ୍ପ ନିର୍ଦ୍ଦେଶକ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ୧୧.୮.୨୦୨୫ ତାରିଖରେ ତଦନ୍ତ କରି ୭ଦିନ ଭିତରେ ରିପୋର୍ଟ ପ୍ରଦାନ ପାଇଁ ଚିଠି କରିଥିଲେ । ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଗତକାଲି ୧.୯.୨୦୨୫ ତାରିଖରେ ଆଇ ଟି ଡି ଏ ଅଫିସ ଓ ପେଟ୍ରୋଲ ଟାଙ୍କିକୁ ଯାଇ ତଦନ୍ତ କରି ଜାଣିବାକୁ ପାଇଥିଲେ ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟ ତେଲ ଚୋରି ସଂପୃକ୍ତି ଅଛନ୍ତି । ଏନେଇ ମଧ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସରକାରୀ ତେଲ ଚୋରିର ସଂପୃକ୍ତି ଥିବା ଯନ୍ତ୍ରୀଙ୍କ ବିରୋଧରେ ଏତଲା ଦିଆଯାଇ ତାଙ୍କୁ ଗିରଫ କରାଯିବା ଦରକାର ବୋଲି କହିଛନ୍ତି । ନୀଳଗିରି ବ୍ଲକରେ ଜୀବିକା ମିଶନରେ ଥିବା ଅଧିକାରୀ ଅର୍ଜୁନ ପାଲ ଦୁର୍ନୀତି କରିଥିବାରୁ ତାଙ୍କୁ ଯଦି ଚାକିରିରୁ ବହିଷ୍କାର କରାଗଲା ଆଇ ଟି ଡି ଏରୁ ତେଲ ଚୋରି କରିଥିବା ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟଙ୍କ ଉପରେ କାହିଁକି ତାଙ୍କୁ ବହିଷ୍କାର କରାଯିବା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ତେବେ ତେଲ ଚୋରୀ କରିଥିବା ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟ କଣ ଆଇନର ଉର୍ଦ୍ଧ୍ୱ କି ? ସବୁଠାରୁ ବଡ଼ କଥା ହେଲା ଯାହା ଶୁଣିବାକୁ ମିଳେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ତଦନ୍ତ ପରେ ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟ ଆଜି ମଙ୍ଗଳବାର ଦିନ ଶ୍ରୀ ପଞ୍ଚଲିଙ୍ଗେଶ୍ୱର ପେଟ୍ରୋଲ ପମ୍ପର ମ୍ୟାନେଜରକୁ ବ୍ଲକକୁ ଡାକି ସେହି ଦିନର ସରକାରୀ ତେଲ ଚୋରୀ କରିଥିବା ଟଙ୍କାକୁ ଚେକ୍ ମାଧ୍ୟମରେ ଦେଇଥିବାର ଜଣାପଡ଼ିଛି । ଚୋରୀ କରି ଧରା ପଡ଼ିବା ପରେ ସ୍ୱଚ୍ଛତା ଆଣିବା ପାଇଁ ଟଙ୍କା ଦେଇଦେଲେ ଚୋରରୁ ସାଧୁ ହୋଇଯିବ କି ?ଜନସାଧାରଣଙ୍କ ରଜସ୍ୱକୁ ଜଣେ ସରକାରୀ ଯନ୍ତ୍ରୀ ନିଜ ବାପା ସମ୍ପତ୍ତି ବୋଲି ଭାବି ଲୁଟ କରିବାର ସବୁ ପ୍ରମାଣ ପରେ ବି କାର୍ଯ୍ୟାନୁଷ୍ଠାନ ନହେବା କାହା ସ୍ୱାର୍ଥରେ ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ ଉଠାଇଛନ୍ତି । ଏଭଳି ସରକାରୀ ତେଲକୁ ଚୋରୀ କରିଥିବା ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟଙ୍କ ପାଇଁ ଆଇନ ନାହିଁ ନା ସେ ଆଇନକୁ କିଣି ନେଇଛନ୍ତି ତାହା ଏବେ ସବୁରି ତୁଣ୍ଡରେ ଗୋଟିଏ ପ୍ରଶ୍ନ ଉଠୁଛି । ସରକାର ଦୁର୍ନୀତିଗ୍ରସ୍ତ ଅଧିକାରୀ ହେଉ କିମ୍ବା କର୍ମଚାରୀ ହେଉ, ଦୁର୍ନୀତି କଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନାଗରା ବଜାଉଥିବା ବେଳେ ତେଲ ଚୋରୀ କରିଥିବା ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା କାହିଁକି ବୋଲି ଚର୍ଚ୍ଚା ହେଉଛି । ଏଭଳି ଦୁର୍ନୀତିଖୋର୍ ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି ।

# ସେପ୍ଟେମ୍ବର ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ

ଭଦ୍ରକ , ୨/୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ମାସ ୨୩ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବାକୁ ଥିବା ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଭଦ୍ରକ, ନଳାଙ୍ଗସ୍ଥିତ ଜିଲ୍ଲା ନ୍ୟାୟାଳୟ ପରିସର ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ, ବି.ଏସ୍.ଏନ୍.ଏଲ୍., ଟି.ପି.ଏନ୍. ଓ ଡ଼ି.ଏଲ୍ (ବିଦ୍ୟୁତବିଭାଗ), ଅର୍ଥ ଲଗାଣ ସଂସ୍ଥା ତଥା ବୀମା ସଂସ୍ଥାର ଅଧିକାରୀମାନଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉପରୋକ୍ତ ବିଭାଗର କର୍ମଚାରୀମାନେ ଉକ୍ତ ବୈଠକରେ ସେମାନଙ୍କ ଦ୍ୱାରା ପକ୍ଷମାନଙ୍କୁ ଜାରିକରାଯାଇଥିବା ନୋଟସି୍ ସମ୍ବନ୍ଧରେ ଏବଂ କେସ୍ ଗୁଡ଼ିକର ପ୍ରାକ୍ ମୋକଦ୍ଦମା ବିଷୟରେ ଆଲୋଚନା କରି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବଙ୍କୁ ପୂର୍ଣ୍ୟଶ୍ଳୋକ ରଥଙ୍କୁ ଏ ସମ୍ବନ୍ଧରେ ଅବଗତ କରାଇଥିଲେ । ସଚିବ ଶ୍ରୀ ରଥ ଏହି ପ୍ରସ୍ତୁତି ବୈଠକର ପରିଚାଳନା କରିଥିଲେ ଏବଂ ଆସନ୍ତା ରାଷ୍ଟ୍ରୀୟ ଲୋକ ଅଦାଲତରେ କିପରି ଅଧିକରୁ ଅଧିକ କେସ୍‌ର ଫଇସଲା କରିବା ନିମନ୍ତେ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ । ତେଣୁ ଜନସାଧାରଣ କୌଣସି ଦ୍ୱନ୍ଦ ବା ଭୟଭୀତ ନହୋଇ ହୋର ସୁଯୋଗ ନେଇ ଯେପରି ଅଧିକରୁ ଅଧିକ ଲୋକ ଏହି ଲୋକ ଅଦାଲତ ଦ୍ୱାରା ଉପକୃତ ହୋଇପାରିବେ ଏ ନେଇ ସଚିବ ଶ୍ରୀ ରଥ ଆଶା ପୋଷଣ କରିଛନ୍ତି ।

## ଅଙ୍ଗନୱାଡ଼ି କେନ୍ଦ୍ରରେ ଅନିୟମିତତାକୁ ନେଇ ସିଡ଼ିପିଓଙ୍କଠାରେ ଅଭିଯୋଗ

ବାଲିଆପାଳ , ୨/୯ (ନି.ପ୍ର): ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତର ତାହାଲିଆ ଅଙ୍ଗନୱାଡି - ୨ ରେ ଅନିୟମିତତାର ଅଭିଯୋଗ ହୋଇଛି । ସୁଚନାରୁ ପ୍ରକାଶ ତାହାଲିଆ ଅଙ୍ଗନୱାଡି କେନ୍ଦ୍ରରେ ୨୫ ଜଣ ଛୋଟ ଛୋଟ ପିଲା ପାଠ ପଢିବାକୁ ଆସନ୍ତି । ଉକ୍ତ କେନ୍ଦ୍ରଟି ଅଙ୍ଗନୱାଡି କର୍ମୀଙ୍କ ଘରେ ପରିଚାଳନା ହେଉଥିବାରୁ ଅଙ୍ଗନୱାଡି କର୍ମୀ ନିଜ ଇଛାରେ ଚଳାଉଛନ୍ତି ଅଙ୍ଗନୱାଡି । ସରକାରଙ୍କ ଖାଦ୍ୟ ସାରଣୀ ମୁତାବକ ପୁଷ୍ଟିକର ଖାଦ୍ୟ ପିଲାଙ୍କୁ ମିଳୁନାହି , ଅସ୍ୱାସ୍ଥ୍ୟକର ପରିବେଶ ରେ ପିଲାଙ୍କୁ ବସାଯାଉଛି ,ଦୁଇ ମାସ ଧରି ପିଲାଙ୍କୁ ଅଣ୍ଡା ନଦେଇ ନିଜେ ଅଙ୍ଗନୱାଡି କର୍ମୀ ଆତ୍ମସାତ୍ କରିଥିବା କଥା ସୋମବାର ଅପରାହ୍ନରେ ଅଭିଭାବକ ମାନେ ବାଲିଆପାଳ ସିଡ଼ିପିଓଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି । ଅଙ୍ଗନୱାଡ଼ି କେନ୍ଦ୍ରକୁ ରାଜନୀତି କରାଯାଉଛି, ରେଜିଷ୍ଟ୍ରାରରେ ଅଭିଭାବକ ଅଣ୍ଡା ନେବାର ହସକତ ରହିଛି, ଏହି ଅଭିଯୋଗ ମିଥ୍ୟା ବୋଲି ଅଙ୍ଗନୱାଡି କର୍ମୀ କହିଛନ୍ତି ।ଏନେଇ ଭାରପ୍ରାପ୍ତ ସିଡ଼ିପିଓ ଅଧିକାରୀ ଅରସ୍ମିତା ଜେନା କହିଛନ୍ତି ଖୁବ୍ ଶୀଘ୍ର ଏହି ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ନହେବା ପର୍ଯ୍ୟନ୍ତ ପିଲାଙ୍କୁ କେନ୍ଦ୍ରକୁ ପଠାଇବେ ନାହିଁ ବୋଲି ଅଭିଭାବକ ରିନା ପାତ୍ର,ରଚନା ଜେନା, ରାଜଶ୍ରୀ ଦଳାଇ,ଗୈରିମଣି ଜେନା, ରଶ୍ମିତା ଜେନା, ଲକ୍ଷ୍ମୀ ପ୍ରିୟା ଜେନା ପ୍ରମୁଖ କହିଛନ୍ତି ।

## ୩ ମାସ କାମ କରାଇ ଛଟେଇ ନେଇ ବିରୋଧ କରି ତାଲା ପକାଇ ରୋଷେଇ ବନ୍ଦ କଲେ ରୋଷେୟା ଓ ଗ୍ରାମବାସୀ

ବସ୍ତା , ୨/୯ (ନି.ପ୍ର): ବସ୍ତା ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ଗୁଣ୍ଡୁରୀମରା ପଦ୍ମାବତୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କିଛି ଦିନ ପୂର୍ବେ ଜଣେ ରୋଷେୟାଙ୍କ ଶରୀର ଅସୁସ୍ଥ ହେବାରୁ ସେ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସିଂଙ୍କ ନିକଟରେ କାର୍ଯ୍ୟ କରିପାରିବେନି ବୋଲି କହିଥିଲେ ।ଉକ୍ତ ଦିନ ଠାରୁ କାର୍ଯ୍ୟ ବନ୍ଦ କରିଥିଲେ ରୋଷେୟା ଜଣଙ୍କ ।ରୋଷେୟା ଜଣଙ୍କ କାର୍ଯ୍ୟ ବନ୍ଦ କରିବାରୁ ମଧ୍ୟାହ୍ନ ଭୋଜନ ବାଧା ଉପୁଜିଥିଲା । ରନ୍ଧା କାର୍ଯ୍ୟ ଅସୁବିଧା ହେଉଥିବାରୁ ପ୍ରଧାନ ଶିକ୍ଷକ ଶ୍ରୀ ସିଂ ସ୍ଥାନୀୟ ୱାର୍ଡମେମ୍ବର ଏକ ରୋଷେୟା ଆଣିବାକୁ କହିଥିଲେ । ଡୁବୁଲିଆ ଗ୍ରାମର ୱାର୍ଡ ମେମ୍ବର ପିତାମ୍ବର ନାୟକ ସେହି ଗ୍ରାମର ଅସହାୟ ମହିଳା ସୁମତି ବାରିକ ଙ୍କୁ ଆଣି ପ୍ରଧାନ ଶିକ୍ଷକଙ୍କ ଆଲୋଚନା କରିଥିଲେ । ପରେ ପ୍ରଧାନ ଶିକ୍ଷକ ଶ୍ରୀ ସିଂ ଉକ୍ତ ମହିଳାଙ୍କୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ସବୁଦିନ କାର୍ଯ୍ୟ କରିବେ ନେଇ ଆବଶ୍ୟକୀୟ କାଗଜ ନେଇ ପ୍ରତିଶୃତି ଦେଇଥିଲେ । ହେଲେ ପ୍ରାୟ ୩ ମାସ କାର୍ଯ୍ୟ କରିବା ପରେ ହଠାତ ପ୍ରଧାନ ଶିକ୍ଷକ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲା । ନିଲମ୍ବିତ ହେବା ପରେ ଆଜି ରୋଷେୟାଙ୍କ ସହିତ ଗ୍ରାମବାସୀ ଆସି ବିରୋଧ କରିଥିଲେ । ଉଚିତ ନ୍ୟାୟ ନ ମିଳିଲେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ରୋଷେୟା ସମେତ ଗ୍ରାମବାସୀ କହିଛନ୍ତି । ଏ ବିଷୟରେ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସିଂଙ୍କୁ ପଚାରିବାରୁ ସର କାରୀ ନିତି ନିୟମରେ ରଖାଯାଇଛି ଏବଂ ମୁଁ ବେଶୀ କିଛି କହି ପାରିବିନି ବୋଲି ପ୍ରତିକ୍ରିୟାରେ କହିଛନ୍ତି । ଏବଂ ବସ୍ତା ବିଇଓ ଯୋଗେଶ୍ୱର ଜେନାଙ୍କୁ ପଚାରି ବାରୁ ପ୍ରତିକ୍ରିୟା ଦେବାକୁ ମନା କରିବା ସହିତ ଏ ବିଷୟରେ ମୋ ପାଖରେ କିଛି ଅଭିଯୋଗ ଆସିନାହିଁ ବୋଲି କହିଥିଲେ ।

# ଉଦ୍ୟୋଗୀ ସଚେତନତା ଶିବିର ଅନୁଷ୍ଠିତ



ବାଲେଶ୍ୱର, ୨/୯ (ନି.ପ୍ର): ବାଲେଶ୍ୱରସ୍ଥିତ ଆତିଥ୍ୟ ଭବନରେ ଭାରତ ସରକାରଙ୍କର ସୁକ୍ଷ୍ମ, ଛୋଟ, ମଧ୍ୟମ ଉଦ୍ୟୋଗୀ ବିଭାଗ ଦ୍ୱାରା ଏକ ଦିବସୀୟ ସଚେତନତା କର୍ମଶାଳା ବାଲେଶ୍ୱର ଜିଲା ଶିଳ୍ପକେନ୍ଦ୍ର ଏବଂ ସୃଜନ କମ୍ୟୁନିକେଶନ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ, ମୁଖ୍ୟ ଅତିଥି ଭାବରେ କଟକସ୍ଥିତ ଏମଏସଏମଇ ନିର୍ଦ୍ଦେଶକ ପିକେ ଗୁପ୍ତା, ମୁଖ୍ୟ ବକ୍ତା ଭାବରେ ବିଭାଗୀୟ ଅଧିକାରୀ ଶିବାନନ୍ଦ ନାୟକ, ସମ୍ମାନୀତ ଅତିଥି ଭାବରେ ଓଡିଶା ଖଦି, ଗ୍ରାମ୍ୟ ଦ୍ୟୋଗ ବୋର୍ଡ଼ର ନୋଡାଲ ଅଧିକାରୀ ସନ୍ତୋଷ କୁମାର ଦଳାଇ, ବାଲେଶ୍ୱର ୟୁକୋ ବ୍ୟାଙ୍କର ଏଲଡିଏମ ମୋତିଲାଲ ସାହା, ଏଚଡିଏଫସି ବ୍ୟାଙ୍କର ଶାଖା ପରିଚାଳକ ପାର୍ଥସାରଥୀ ପଣ୍ଡା,ସାଧନା ଫାଉଣ୍ଡେସନର ସୁଜାତା ରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମନାଭ ଷ୍ଟୁଡ଼ିଓର ଅଧ୍ୟକ୍ଷ ସନାତନ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଭାରତ ସରକାର ଏବଂ ଓଡିଶା ସରକାର ଏବଂ ବ୍ୟାଙ୍କ ମାନଙ୍କରେ ବିଭିନ୍ନ ଲୋକକଲ୍ୟାଣମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହିତ ମହିଳାମାନଙ୍କର ଆର୍ଥିକ ବିକାଶ କିପରି ହୋଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ୬୦ରୁ ଅଧିକ ମହିଳା ଉଦ୍ୟୋଗୀ ଏଥିରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ରୀତମ କୁମାର ପାଣିଗ୍ରାହୀ, ସଂଯୁକ୍ତା ପଟ୍ଟନାୟକ, ସତ୍ୟଜିତ ଆଚାର୍ଯ୍ୟ, ଅନୁପମା ଦାସ, ମିତାରାଣୀ ପାତ୍ର, ବିନିତା ସିଂ ପ୍ରମୁଖ ପରିଚାଳନା କରିଥିଲେ । ବାଲେଶ୍ୱର ମନ୍ତ୍ରା ସେଲୁନର ଯୁଗ୍ମ ପରିଚାଳିକା ସୁମିତ୍ରା ମହଲଙ୍କୁ ସଫଳ ଉଦ୍ୟୋଗୀ ଭାବରେ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ଶେଷରେ ସତ୍ୟଜିତ ଅଚର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଅବଧି ବୃଦ୍ଧି

ଭୁବନେଶ୍ୱର, ୨/୯ (ନି.ପ୍ର): ପୂର୍ବ ତଟ ରେଳପଥ ନିମ୍ନଲିଖିତ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟ, ରହଣି ଏବଂ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି ଏହା ଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବରେ ବିଶେଷ ସହାୟକ ହେବ । ଟ୍ରେନ ନମ୍ବର ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ରକୁ ଭଞ୍ଜପୁରରୁ ୧୩ ସେପଟ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି । ପୁରୀରୁ ୧୪ ସେପଟ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି । ସେହିପରି ଟ୍ରେନ ନମ୍ବର ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସ୍ୱତନ୍ତ୍ର: ଶାଲିମାରରୁ ୧୪ ସେପଟ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida